

ଅପରାଧ ଦମନ ଲାଗି ପୁଲିସର ରଣନୀତି

# ଜେଲ୍ ଫେରନ୍ତାଙ୍କୁ ଜଗିବ 'ଏଆଇ'

## ଥାନାରେ ମୋବାଇଲ ନମ୍ବର ଦାଖଲ ବାଧ୍ୟତାମୂଳକ

## ସ୍କାନରେ ରହିବ ପେସାଦାର ଅପରାଧୀଙ୍କ ଗତିବିଧି



ଭୁବନେଶ୍ୱର, ୨୦।୧୨(ସମିସ): ନୂଆବର୍ଷ ଲାଗି ଦାଗୀ ଅପରାଧୀମାନେ ସହରରେ ଅପରାଧ ଘଟାଇବା ଲାଗି ନକ୍ସା ପ୍ରସ୍ତୁତ କରୁଛନ୍ତି। ସହରରେ ଯେତିକି ଅପରାଧ ଘଟୁଛି, ଏହାର ଏକ ତୃତୀୟାଂଶ ଜେଲ ଫେରନ୍ତାଙ୍କ କାରନାମା। ହତ୍ୟା, ଦୁଷ୍କର୍ମ, ଡକାୟତି ସହ ଅନ୍ୟ ଜଘନ୍ୟକାଣ୍ଡ ପଛରେ ଜେଲ ଫେରନ୍ତାଙ୍କ ସମ୍ପୃକ୍ତି ରହୁଛି। ଧରାପଡୁଥିବା ଅଭିଯୁକ୍ତଙ୍କ ଅପରାଧର ପାଞ୍ଜିକା ଖୋଲିବା ପରେ ସାମ୍ନାକୁ ଆସୁଛି ଅପରାଧର ଲମ୍ବା ତାଲିକା। ଗୋଟିଏ ପରେ ଗୋଟିଏ ଅପରାଧର ଜେଲ ଫେରନ୍ତାଙ୍କ ସମ୍ପୃକ୍ତି ରହୁଥିବାରୁ ଚିନ୍ତାରେ ପଡ଼ିଛି କମିସନରେଟ୍ ପୁଲିସ। ଜେଲରୁ ଜାମିନ୍‌ରେ ମୁକୁଳିଥିବା ଅପରାଧୀଙ୍କ ଉପରେ ନଜର ରଖିବା ଲାଗି ଆରମ୍ଭ କରିଛନ୍ତି ସ୍ୱତନ୍ତ୍ର ରଣନୀତି। ଏଣିକି ଜେଲରୁ ଜାମିନ୍‌ରେ ମୁକୁଳୁଥିବା ଅପରାଧୀଙ୍କୁ ଜଗିବ ଏଆଇ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। ଅପରାଧୀମାନେ ଜେଲରୁ ଜାମିନ୍‌ରେ ମୁକୁଳିବା ପରେ ସେମାନଙ୍କ ଫୋନ୍ ନମ୍ବର ନିକଟସ୍ଥ ଥାନା ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଉକ୍ତ ନମ୍ବର ଆଧାରରେ ପ୍ରତିଦିନ ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ଅନୁରୂପ ଭାବେ ପେସାଦାର ଅପରାଧୀଙ୍କ ଉପରେ ରଖିବା ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଏହି ଟିମ୍ କେବଳ ପେସାଦାର ଅପରାଧୀଙ୍କ ଉପରେ ନଜର ରଖିବା ସହ ସେମାନଙ୍କ ଗତିବିଧି ବିଷୟରେ ସପ୍ତାହ ଥରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବେ।

ରାଜଧାନୀ ସାରା ବୁଲିବୁଲି ଅପରାଧ ଘଟାଉଛନ୍ତି ଜେଲ ଫେରନ୍ତା। ଥରେ ଅପରାଧର ଛିଟା ଲାଗିବା ସହ ଜେଲର କାଳକୋଠରୀରୁ ଫେରିବା ପରେ ରକ୍ତମୁଖା ପାଲଟି ଯାଉଛନ୍ତି। ଜେଲରେ କିଛି ଦିନ ବିତାଇବା ପରେ ଜାମିନ୍ କିମ୍ବା ପାରୋଲରେ ମୁକୁଳି ରାଜଧାନୀରେ ପୁନଶ୍ଚ ଅପରାଧ ଲାଗି ସୁକଳ୍ପିତ ଷଡଯନ୍ତ୍ର ରଚୁଛନ୍ତି। ହତ୍ୟା, ଡକାୟତି, ବନ୍ଧୁକ କାରବାର ଆଦି ମାମଲାରେ ସମ୍ପୃକ୍ତି ରହି ସାମ୍ରାଜ୍ୟ ଚଳାଉଛନ୍ତି। ଭୁବନେଶ୍ୱରରୁ ଧରାପଡୁଥିବା ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟ ଓ ଜିଲ୍ଲା ପୁଲିସ ଲାଗି ମୋଷ୍ଟୱାଣ୍ଟେଡ୍ ତାଲିକାରେ ରହିଛନ୍ତି। କିଏ ପୁଲିସ ଗୁଳିରେ ଜଖମ ହୋଇଛି ତ ଆଉ କିଏ ବୀଭତ୍ସ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ରହିଛି। ସିଧା ଅପରାଧ ଘଟାଇଥିଲେ ଧରାପଡ଼ିବା ପରେ ପଛଦପଟରେ ରହି ଅପରାଧକୁ ଅପରେଟ୍ କରୁଛନ୍ତି। ସହରରେ ଘଟୁଥିବା ଅପରାଧିକ ମାମଲାର ୭୫ ପ୍ରତିଶତ ଅପରାଧରେ ଜେଲ ଫେରନ୍ତାଙ୍କ ସମ୍ପୃକ୍ତି ରହିଛି। ଅପରାଧର ଚରିତ୍ରପାଞ୍ଜି ଯାଞ୍ଚ କରିବା ପରେ ଜଣେ ଅପରାଧୀଙ୍କ ପିଛା ଏକାଧିକ ମାମଲା ରହିଛି। କିଏ ହତ୍ୟା ତ ଆଉ କିଏ ଠକେଇ ମାମଲାରେ ଜେଲ ଯାଇଛି। ଜେଲରୁ ମୁକୁଳିବା ପରେ ଥାନାରେ ହାଜିରା ବ୍ୟବସ୍ଥା ରହିଛି। ସପ୍ତାହରେ ଥରେ ଅଭିଯୁକ୍ତମାନେ ଥାନାକୁ ଯାଇ ହାଜିରା ପକାଇବା ସହ ଖାତାରେ ଦସ୍ତଖତ କରିବାକୁ ନିୟମ ରହିଥିବାବେଳେ ଏହାକୁ କେହି କଡାକଡି ଭାବେ ପାଳନ କରୁନାହାନ୍ତି। ତେବେ ଜାମିନ୍‌ରେ ଆସି ପୁଣି ଅପରାଧ ଘଟାଇ ଧରାପଡ଼ିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସେମାନଙ୍କ ଜାମିନ୍ ବଣ୍ଡ ବାତିଲ୍ ଲାଗି କୋର୍ଟରେ ଆବେଦନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଧରାପଡ଼ିଥିବା କିଛି ଘଟଣା...

- ଝାଡ଼ଖଣ୍ଡ ପୁଲିସର ମୋଷ୍ଟୱାଣ୍ଟେଡ୍ ତାଲିକାରେ ରହିଥିବା ରାଜୁ ନାଇଡୁ ଓରଫ୍ ଝିଙ୍ଗୁରୁ ଓ ବିଧାତା ତନ୍ତୁବାଇଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ହତ୍ୟା ସହ ଏନ୍‌କାଉଣ୍ଟର ଶିକାର ହୋଇଥିଲେ। କିନ୍ତୁ ଜେଲରୁ ଜାମିନ୍‌ରେ ମୁକୁଳି ପୁଣି ଅପରାଧ ଘଟାଇ ମହିଳାଙ୍କୁ ହତ୍ୟା କରିଥିଲେ।
- ଲୁଟ୍ ମାମଲାରେ ଗିରଫ ହୋଇଥିବା ସୋମନାଥ ଜେନା ଓରଫ ସୋମା ଜଣେ ହତ୍ୟା ଅଭିଯୁକ୍ତ। ସେ ୨୦୧୨ ମସିହାରେ ପ୍ରେମ ବ୍ୟାପାରକୁ ନେଇ ରାଜା ନାମକୁ ଜଣେ ଯୁବକକୁ ଅପହରଣ କରି କାଜୁ ଜଙ୍ଗଲରେ ହତ୍ୟା କରିଥିଲା। ସେ ଗିରଫ ହୋଇ ଜେଲ ଯାଇ ଜାମିନ୍‌ରେ ମୁକୁଳି ପୁଣି ଅପରାଧ ଘଟାଉଥିଲା।
- ବେକ ଓ ହାତକୁ ହାଣି ଲୁଟ୍‌ପାଟ୍ କରୁଥିବା ଉତ୍ତରପ୍ରଦେଶର 'ବାୱରିଆ' ଗ୍ୟାଙ୍ଗ୍‌ର ପ୍ରଦୀପ କୁମାର, ବିକାଶ, ରବି କୁମାର, ବାବୁରାମକୁ ଗିରଫ କରାଯାଇଥିଲା। ଭୁବନେଶ୍ୱର ସମେତ ୫ ଜିଲ୍ଲାରେ ୨୯ଟି ଓ ୫ ରାଜ୍ୟରେ ବିଧାୟକ ଓ ସାଂସଦକୁ ହତ୍ୟା ଏବଂ ଚର୍ଚ୍ଚିତ ଦୁଷ୍କର୍ମ ମାମଲା ରହିଛି।
- ଗଞ୍ଜେଇ ମାମଲାରେ ଗିରଫ ହୋଇ କୋରାପୁଟ ଜେଲ୍‌ରୁ ସୁଶାନ୍ତ ଦାଶ ମୁକୁଳିଥିଲା। ପରେ ମାଲକାନଗିରି ଓ କୋରାପୁଟ ପାର୍ଶ୍ୱରୁ ଆସୁଥିବା ଗାଡ଼ିକୁ ପୁଲିସ ବେଶରେ ଅଟକାଉଥିଲେ।
- ନକଲି ଭିଜିଲାନ୍ସ ମାମଲାରେ ଗିରଫ ହୋଇଥିବା ମନୋଜ କୁମାର ମାଝି ଅପରାଧିକ ସାମ୍ରାଜ୍ୟ ବେଶ୍ ଲମ୍ବା। ମୟୂରଭଞ୍ଜର ଉଦଳା ଓ ଗଞ୍ଜାମର ରମ୍ଭା ଥାନାରେ ଠକେଇ ମାମଲାରେ ଗିରଫ ହୋଇଥିଲା ମନୋଜ। ଜାମିନ୍‌ରେ ଆସି ନକଲି ଭିଜିଲାନ୍ସ ଅଧିକାରୀ କହି ଠକୁଥିବା ବେଳେ ଏସ୍‌ଟିଏଫ୍ କାବୁ କରିଥିଲା।
- ସୁନା ଦୋକାନ ଡକାୟତି ମାମଲାରେ ସାଗର ଭୋଇ ଓରଫ ଷଣ୍ଢକୁ ମୟୂରଭଞ୍ଜ ପୁଲିସ ଗିରଫ କରିଥିଲା। ସେ କିଛି ଦିନ ଜେଲରେ ରହିବା ପରେ ମାସେ ତଳେ ଜାମିନ୍‌ରେ ମୁକୁଳିଥିଲା। ମୟୂରଭଞ୍ଜରୁ ପଳାଇ ଆସି ଭୁବନେଶ୍ୱରରେ ବ୍ୟାଙ୍କ ଡକାୟତି ଯୋଜନା କରି ଫସିଥିଲେ।
- ଭଦ୍ରକ ବାସୁଦେବପୁର ଥାନା ଅଞ୍ଚଳର ସୁନା ଦୋକାନରୁ ଗହଣା ଲୁଟ୍ ମାମଲାରେ ସତ୍ୟଜିତ ମଲ୍ଲିକ ଓରଫ ବାଠୁଆକୁ ଜେଲ ପଠା ଯାଇଥିଲା। ପରେ ସୋର ସ୍ୱତନ୍ତ୍ର ଉପକାରାଗାର ପାଚେରୀ ଡେଇଁ ସତ୍ୟଜିତ ଖସି ପଳାଇଥଲା। ସେଠାରୁ ଆସି ଭୁବନେଶ୍ୱରରେଡେରାପକାଇମୋବାଇଲଦୋକାନଲୁଟ୍‌କରିବାଠୁଆଧରାପଡ଼ିଥିଲା।
- କନ୍ଧମାଳରେ ଜଣେ ଯୁବକଙ୍କ ସଂଗଠିତ ଆକ୍ରମଣକରି ହତ୍ୟା କରିଥିଲେ ଶିବଶମ୍ଭୁ ଦିଗାଲ୍ ଓ କୁନା ପ୍ରଧାନ। ସେଠାରୁ ଜାମିନ୍ ମୁକୁଳିବା ପରେ ଗଞ୍ଜେଇ କାରବାର କରୁଥିଲା। ଏକ କାର୍‌ରେ ଭୁବନେଶ୍ୱରକୁ ଗଞ୍ଜେଇ ଆଣି ବିକ୍ରି କରୁଥିବା ବେଳେ ପୁଲିସ ହାବୁଡରେ ଫସିଯାଇଥିଲା।
- ଜଟଣୀ ଥାନା ଅଞ୍ଚଳରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମହେନ୍ଦ୍ର ବେହେରା ଓରଫ ବାପି ଓ ତାଙ୍କର ଆଉ ଦୁଇ ଭାଇ ମିଶି ଜଣେ ଯୁବକକୁ ବୀଭତ୍ସ ଭାବେ ହତ୍ୟା କରିଥିଲେ। ସେ ୪ବର୍ଷ ଜେଲରେ ରହିବା ପରେ ଜାମିନ୍‌ରେ ମୁକୁଳି ଗଜପତିରୁ ଗଞ୍ଜେଇ ନେଇ ଜଟଣୀ ଆସୁଥିବା ବେଳେ ପିଏନ୍ ସ୍କୁଲ ନିକଟରେ ଏସ୍‌ଟିଏଫ୍ ବାପିକୁ କାବୁ କରିଥିଲା।
- କୁଖ୍ୟାତ ଡକାୟତି ସନ୍ତୋଷ ପଣ୍ଡାକୁ ଗିରଫ କରି ଜେଲକୁ ପଠାଇଥିଲା ଖୋର୍ଦ୍ଧା ପୁଲିସ। ସନ୍ତୋଷକୁ ମାନ୍ୟବର କୋର୍ଟ ୫ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ। ସେ ପାରୋଲରେଆସିଆଉକୋର୍ଟରେହାଜରନହୋଇବ୍ରାଉନସୁଗରକରିବାରକରୁଥିଲେ।
- କାମାକ୍ଷାନଗରର ବିଜେଡି ଯୁବନେତା ଯଶୋବନ୍ତ ପରିଡ଼ାଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତି ରହିଥିବା ପ୍ରକାଶ ନାୟକକୁ ଗିରଫ କରିଥିଲା। ସେ କିଛି ଦିନ ଜେଲରେ ରହିବା ପରେ ପାରୋଲ୍‌ରେ ଆସି ଚକରା ଗ୍ୟାଙ୍ଗ୍ ସହ ମିଶି ଅପରାଧ ଓ ନିଶା କାରବାର ନେଟ୍‌ୱାର୍କ ଚଳାଇଥିଲା। ପରେ ପ୍ରକାଶକୁ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିଥିଲା।

### ଧିମେଇଗଲା କଏଦୀଙ୍କ ଗୋଡ଼ରେ ଜିପିଏସ୍ ଟ୍ରାକିଂ ପ୍ରକ୍ରିୟା

ବିଚାରାଧୀନ କଏଦୀଙ୍କୁ ଜେଲରେ ନ ରଖି ଜିପିଏସ୍ ଟ୍ରାକିଂ କରିବ ଲାଗି ଜେଲ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଥିଲେ। ସଂସଦୀୟ ବ୍ୟାପାର କମିଟିକୁ ପ୍ରସ୍ତାବ ଦେବା ପରେ ଓଡ଼ିଶାରେ କାର୍ଯ୍ୟକାରୀ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ଏହି ପ୍ରକଳ୍ପ କାର୍ଯ୍ୟକାରିତା ପୂର୍ବରୁ ଧିମା ହୋଇଯାଇଛି। ପେସାଦାର ବିଚାରଧୀନ କଏଦୀଙ୍କ ଗୋଡ଼ରେ ଜିପିଏସ୍ ଚିପ୍ ଜରିଆରେ ଟ୍ରାକିଂ କରାଯିବାର ବ୍ୟବସ୍ଥା କରିବାକୁ ଯୋଜନା ଥିଲା। ଜିପିଏସ୍ ମେସିନକୁ ଭାଙ୍ଗିଲେ ବା ତା'ସହ କିଛି ଟାମ୍ପରିଂ କଲେ ତାହା ଆଲର୍ଟରେ ହେବା ସହ ପୁଲିସ ଜାଣିପାରିବ। ଯେଉଁ ଅଭ୍ୟାସଗତ ଅପରାଧୀ ଜାମିନ ପାଇଁ ଆବେଦନ କରିବ, କୋର୍ଟ ତାଙ୍କୁ ଜାମିନ୍‌ର ସର୍ତ୍ତ ଏହି ଟ୍ରାକିଂ ମେସିନ ପାଇଁ ନିର୍ଦ୍ଦେଶ ଦେବେ। ଜାମିନ ପାଇବାକୁ ହେଲେ ସେମାନଙ୍କ ପାଇଁ ଟ୍ରାକିଂ ଉପକରଣ ବାଧ୍ୟତାମୂଳକ କରାଯାଇପାରିବ। ଏଥିପାଇଁ ମେସିନ ବାବଦକୁ ୧୦ରୁ ୧୫ହଜାର ପର୍ଯ୍ୟନ୍ତ ଖର୍ଚ୍ଚ ହେବ। କଏଦୀ ଏହି ଜିପିଏସ୍ ଖର୍ଚ୍ଚ ବହନ କରିବ। ଫଳରେ ଅନ୍ତେବାସୀ ନିଜ ଘରେ ରହିପାରିବ ବା ନିଜର କିଛି କାମ କରିପାରିବ। ଟ୍ରାକିଂ ମେସିନ ଜରିଆରେ ସବୁ ବେଳେ ନଜରରେ ରହିବ। ବିଶେଷକରି ଜାମିନରେ ଆସିଲେ ରାଜ୍ୟ ବାହାରକୁ ବା ଦେଶ ବାହାରକୁ ଖସିଯାଇପାରିବେନି। ଏପରିକି ସାକ୍ଷୀ ଘର ପାଖାପାଖି ଯାଇ ଧମକାଇଲେ ତାହା ଟ୍ରାକିଂ ମେସିନ୍ ଅବଗତ କରିହେବ। ତେଣୁ ଜିପିଏସ୍ ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା।

## ପୂର୍ବ ବିବାଦରୁ ଦୁଇ ସାଙ୍ଗଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୨୦।୧୨(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ୪ ଛାତ୍ରଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ମଲ୍ଲିକପୁରର ପୂର୍ଣ୍ଣ୍ୟ ପ୍ରସନ୍ନ ମହାନ୍ତି (୨୧), ଶକ୍ତି ସ୍ୱରୂପ ମହାନ୍ତି (୨୮), ଖଣ୍ଡଗିରି ସତ୍ୟ ସାଇ ଏନ୍‌କ୍ଲେଭର ରିଆନ ଜାକିର ଖାନ୍ (୨୧) ଓ ଆନ୍ଧ୍ରପ୍ରଦେଶ ଭାଇଜାଗର ବରୁନ୍ ରାଓ (୨୪)। ପୁଲିସ ସୂଚନା ଅନୁସାରେ, ପଟିଆସ୍ଥିତ ଘରୋଇ ବିଶ୍ୱବିଦ୍ୟାଳୟର ଛାତ୍ର ପୂର୍ଣ୍ଣ୍ୟ ଓ ସୌରଭ ପଟ୍ଟନାୟକଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଗୁରୁବାର ମଧ୍ୟାହ୍ନରେ ସୌରଭ ଓ ତାଙ୍କ ବନ୍ଧୁ କାର୍ ରେ ଖାଓଗଳି ଅତିକ୍ରମ କରୁଥିବା ସମୟରେ ହଠାତ୍ ଏକ କୁକୁର ସହ ଧକ୍କା ହୋଇଥିଲା। ସୌରଭ କୁକୁରର ଅବସ୍ଥା ଜାଣିବା ଲାଗି କାର୍‌କୁ ରାସ୍ତା ପାର୍ଶ୍ୱରେ ପାର୍କିଂ କରି ଆସିଥିଲେ। ସେହି ସମୟରେ ଉପରୋକ୍ତ ୪ ଜଣ ଓ ତାଙ୍କ ସହଯୋଗୀମାନେ ଖଣ୍ଡାରେ ଆକ୍ରମଣ କରିଥିଲେ। ସାଙ୍ଗରେ ଥିବା ବନ୍ଧୁ ଏହାର ବିରୋଧ କରିବାରୁ ତାଙ୍କୁ ମଧ ଛାଡ଼ି ନ ଥିଲେ। ଆକ୍ରମଣ ଫଳରେ ଉଭୟ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଏନେଇ ସୌରଭ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆକ୍ରମଣକାରୀମାନେ ରାତିରେ ପୁଣି ଥରେ ଆକ୍ରମଣ କରିବାକୁ ଆସୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରି ନେଇଥିଲା। ସେମାନଙ୍କ ହେପାଜତରୁ ୪ଟି ଖଣ୍ଡା ମଧ ଜବତ କରିଥିଲା। ତଦନ୍ତ ପରେ ୪ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢ଼ଉ କରୁଛି।

**୪ ଛାତ୍ର ଗିରଫ; ୪ ଖଣ୍ଡା ଜବତ**



## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା: ଆଉ ଜଣେ ଗିରଫ



ଭୁବନେଶ୍ୱର, ୨୦।୧୨ (ସମିସ): ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖଣ୍ଡଗିରି ଜଗନ୍ନାଥ ବିହାରର ଦିନେଶ କୁମାର ଦାସ (୨୫)। ପୁଲିସ ସୂଚନା ଅନୁସାରେ, ତମାଣ୍ଡୋସ୍ଥିତ କାର୍ ଶୋରୁମରେ କାମ କରୁଥିବା ସଞ୍ଜିତ ମହାପାତ୍ର ଗତ ଫେବୃୟାରୀ ୧୪ ତାରିଖ ଦିନ ଡ୍ୟୁଟି ସାରି ଘରକୁ ଯିବା ଲାଗି ବାହାରୁଥିଲେ। ସେ ଶୋରୁମ ପାର୍କିଂରେ ଛିଡ଼ା ହୋଇଥିବାବେଳେ ଦିନେଶ ଓ ତା'ର ସହଯୋଗୀମାନେ ହଠାତ ତାଙ୍କୁ ଘେରିଯାଇ ମାଡ଼ ମାରିବା ସହିତ ତାଙ୍କ ଗାଡି ଛଡ଼ାଇ ନେଇଯାଇଥିଲେ। ଏହା ଦେଖି ସଞ୍ଜିତଙ୍କ ବନ୍ଧୁ ଦେବୀ ପ୍ରସାଦ ତାଙ୍କୁ ବଞ୍ଚାଇବା ଲାଗି ଚେଷ୍ଟା କରିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ମଧ ମାଡ଼ମାରି ସୁନା ଚେନ୍ ଛଡ଼ାଇ ନେଇଥିଲେ। ଖବରପାଇ ପିସିଆର ଭ୍ୟାନ ପହଞ୍ଚିବା ଦେଖି ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ। ସଞ୍ଜୀତଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ପୂର୍ବରୁ ୩ ଜଣଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ଦିନେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୨୧ ମାସ ପରେ ଧରାପଡ଼ିଲା ଲାଡେନ୍



ଭୁବନେଶ୍ୱର, ୨୦।୧୨(ସମିସ): ଗଞ୍ଜେଇ ଜବତ ଘଟଣାରେ ଫେରାର ଥିବା ନିଶା ବେପାରୀକୁ ୨୧ ମାସ ପରେ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯଦୁପୁରର ଏମ୍‌ଡି ଜାଭେଦ ଓରଫ୍ ଲାଡେନ (୨୭)। ସୂଚନା ଅନୁସାରେ, ଗତବର୍ଷ ମାର୍ଚ୍ଚ ମାସ ୭ ତାରିଖ ଦିନ ହ୍ୟୁଣ୍ଡାଇ ସୋରୁମ୍ ନିକଟରେ ଗଞ୍ଜେଇ ଡିଲ୍ ଚାଲିଥିବା ଖବରପାଇ ତମାଣ୍ଡୋ ପୁଲିସ ଚଢ଼ଉ କରିଥିଲା। ସେଠାରୁ ସିମାଞ୍ଚଳକୁ ଗିରଫ କରିବା ସହିତ ତା'ଠାରୁ ୧୦ କିଲୋ ଗଞ୍ଜେଇ ଓ ଗୋଟିଏ ବାଇକ୍ ଜବତ କରି ପଚରାଉଚରା ପାଇଁ ଥାନାକୁ ନେଇଥିଲା। ସୀମାଞ୍ଚଳ ଉକ୍ତ ଗଞ୍ଜେଇକୁ ୧୫ଶହ ଟଙ୍କାରେ କିଣି ବାଲିଆପଡ଼ାର ଧନେଶ୍ୱର, ସୁବାସନଗର ବସ୍ତିର ସୂର୍ଯ୍ୟ ଓ ଯଦୁପୁରର ଲାଡେନକୁ ୪ ହଜାର ଟଙ୍କାରେ ବିକ୍ରି କରିବ ବୋଲି ରଖିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ତା'ଠାରୁ ମିଳିଥିବା ସୂଚନା ଆଧାରରେ ପୁଲିସ ପ୍ରଥମେ ଧନେଶ୍ୱର ଓ ପରେ ସୂର୍ଯ୍ୟକୁ ଗିରଫ କରିଥିଲା। ତେବେ ଘଟଣା ପରଠାରୁ ଲାଡେନ ଫେରାର ହୋଇ ଯାଇଥିଲା। ଶୁକ୍ରବାର ସେ ଯଦୁପୁର ଆସିଥିବା ଖବରପାଇ ତମାଣ୍ଡୋ ଥାନା ପୁଲିସ ଚଢ଼ଉ କରି ଲାଡେନକୁ ଗିରଫ କରିଛି।

## ଦୁଇ ଭାଇଙ୍କୁ ଆକ୍ରମଣ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୦।୧୨(ସମିସ): ଦୁଇ ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଶିଖରଚଣ୍ଡୀ ନଗରର ଅମଲ ସାହୁ ଓରଫ୍ ସୁକୁରା (୩୫)। ସୂଚନା ଅନୁସାରେ ଶିଖରଚଣ୍ଡୀ ନଗରର ଏସ୍‌କେ ସବାତୁଲା ଓ ସୁକୁରା ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଗୁରୁବାର ସନ୍ଧ୍ୟାରେ ସୁକୁରା ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସବାତୁଲା ଓ ତାଙ୍କ ଭାଇଙ୍କୁ ପ୍ରଥମେ ଗାଳିଗୁଲଜ କରିବା ସହିତ ପିନ୍ଧିଥିବା ଖଡ୍ଡୁରେ ମରଣାନ୍ତକ ଆକ୍ରମଣ କରିଥିଲା। ସବାତୁଲା ଓ ତାଙ୍କ ଭାଇ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ। ଏହାର ବିରୋଧ କରିବାରୁ ସୁକୁରା ତାଙ୍କୁ ପୁଣି ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିବା ସହିତ ସୁକୁରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁକୁରା ଜଣେ ପେଶାଦାର ନିଶା ବେପାରୀ ହୋଇଥିବାବେଳେ ତା' ନାମରେ ପୂର୍ବରୁ ସମ୍ପୃକ୍ତ ଥାନାରେ ୪ଟି ଅପରାଧିକ ମାମଲା ରହିଛି।

# ରାଜଧାନୀରେ ଅମାନିଆଙ୍କ ଆଧିପତ୍ୟ

- ବିପର୍ଯ୍ୟସ୍ତ ଟ୍ରାଫିକ୍; ବେଫିକର ଚାଳକ
- କଟୁଛି ଇ-ଚାଲାଣ; ଗଡୁଛି ବକେୟା ଟଙ୍କା



ଭୁବନେଶ୍ୱର, ୨୦।୧୨(ସମିସ): ରାଜଧାନୀରେ ଆଇନ୍‌ଶୃଙ୍ଖଳା ଠାରୁ ବଳିଗଲାଣି ଟ୍ରାଫିକ ଯନ୍ତ୍ରଣା। ଟ୍ରାଫିକ ବିଭ୍ରାଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରରେ ଟ୍ରାଫିକ ବ୍ୟବସ୍ଥାକୁ ବିଗାଡ଼ିଦେଲାଣି ଅମାନିଆ ଚାଳକଙ୍କ ମନମାନୀ। ଦିନତମାମ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଆଗକୁ ବିସ୍ଫୋରକ ସ୍ଥିତି ହେବାର ସମ୍ଭାବନା ରହିଛି। ଟ୍ରାଫିକ ନିୟମକାନୁନ୍‌କୁ ବାଏଁ ବାଏଁ ଉଡାଇଦେଲେଣି ଅମାନିଆ ଚାଳକ। ସହରରେ ବିନା ହେଲମେଟ୍, ବାଇକରେ ୩ଜଣ ବସିବା, ରଙ୍ଗ୍‌ରୁଟ୍‌ରେ ଗାଡ଼ି ଚାଳନା, ସେଟ୍‌ବେଲ୍ଟ ନବାନ୍ଧି ଗାଡ଼ି ଚାଳନା, ଗାଡ଼ି ଚଳାଇବା ସମୟରେ ଫୋନ୍‌ରେ କଥାହେବା ଏବଂ ରେଡ୍‌ଲାଇଟ୍ ଡେଇଁବା ଭଳି ଟ୍ରାଫିକ ନିୟମଗୁଡିକୁ କଡ଼ାକଡ଼ି ପାଳନ କରାଯାଉନି। ଟ୍ରାଫିକ ଯାଞ୍ଚକୁ ସାମାନ୍ୟ କୋହଳ କରିବାରୁ ଅମାନିଆ ଚାଳକ ସହରରେ ମନମାନୀ କରୁଛନ୍ତି। ଅନୁରୂପ ଭାବେ ଟ୍ରାଫିକ ଧରପଗଡ଼ ବନ୍ଦ ଥିବାରୁ ଦୁର୍ଘଟଣା ବୃଦ୍ଧି ହୋଇଛି। ପ୍ରତିଦିନ ସହର ଭିତରେ ଛୋଟବଡ଼ ଦୁର୍ଘଟଣା ଘଟି ଗାଡ଼ି ଚାଳକଙ୍କ ଜୀବନ ଚାଲିଯାଉଛି। ଟ୍ରାଫିକ ନିୟମ ଭାଙ୍ଗି ଗାଡି ଚାଳନା କରୁନଥିବାରୁ ଚାଳକମାନେ ଏଭଳି ଦଶା ଭୋଗୁଥିବା ଜଣାପଡ଼ିଛି।

ସହରସାରା ଅମାନିଆ ଚାଳକ ଘୂରି ବୁଲୁଛନ୍ତି। ବିନା ହେଲମେଟ୍ ଓ ୩ଜଣ ବସି ସହରରେ ଗାଡ଼ି ଚଳାଚଳ କରୁଛନ୍ତି। ଟ୍ରାଫିକ ପୁଲିସକୁ ଡରୁଛନ୍ତି ନା କ୍ୟାମେରାକୁ ଭୟ କରୁଛନ୍ତି। ବିନା ବାଧାରେ ସହରରେ ପଇଁତରା ମାରୁଛନ୍ତି। ରାତି କଥା ନ କହିବା ଭଲ, ସହର ଭିତରେ ଦ୍ରୁତଗତିରେ ଗାଡି ଚଳାଉଛନ୍ତି ଅମାନିଆ ଚାଳକ। ନିୟମକୁ ବେଖାତିର କରି ଆତଙ୍କ ସୃଷ୍ଟି କରୁଛନ୍ତି। ନିଜ ଜୀବନକୁ ବିପଦରେ ପକାଇବା ସହ ଅନ୍ୟର ଜୀବନକୁ ମରଣମୁହଁକୁ ଠେଲି ଦେଉଛନ୍ତି।



ରାଜଧାନୀରେ ନିୟମ ଉଲ୍ଲଂଘନ କରୁଥିବା ବେପରୁଆ ଚାଳକଙ୍କୁ ଚିହ୍ନଟ କରାଯାଇ ଇ-ଚାଲାଣ ପଠାଯାଉଛି। ଚାଲାଣ ବାବଦରେ ଜରିମାନା ରାଶି ପୈଠ କରିବାର ନିର୍ଦ୍ଦେଶ ରହିଛି। କିନ୍ତୁ ଚାଳକଙ୍କ ଉପରେ ଜରିମାନା ରାଶି ପଡ଼ି ରହିଛି। ରାଜଧାନୀରେ ପ୍ରାୟ ୮୦ କୋଟି ଟଙ୍କାର ଚାଲାଣ ଆଦାୟ ନ ହୋଇ ପଡ଼ି ରହିଥିବା ଜଣାପଡ଼ିଛି। ଅମାନିଆ ଚାଳକ ଜରିମାନା ରାଶି ଦାଖଲ କରୁନାହାନ୍ତି। ଜରିମାନା ଅର୍ଥ ଆଦାୟ ହେବା ପରିବର୍ତ୍ତେ ପଡ଼ିରହିବାରୁ ପୁଲିସର ଚିନ୍ତା ବଢ଼ିଛି। ଅନୁରୂପ ଭାବେ ୫ଥର ଟ୍ରାଫିକ ନିୟମ ଭାଙ୍ଗି ଟଙ୍କା ନ ଭରୁ ନ ଥିବା ଚାଳକଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବ। ମାମଲା ପରେ ଆଇନ ଅନୁସାରେ ସେମାନଙ୍କୁ ଜେଲ ଯିବାକୁ ପଡ଼ିବ ବୋଲି କୁହାଯାଇଥିଲା। ମାତ୍ର ନିୟମକୁ ସଠିକ୍ ଭାବେ ପୁଲିସ ପାଳନ କରି ନ ଥିଲା କି କାର୍ଯ୍ୟକାରୀ କରିନଥିଲା। ଫଳରେ ନିୟମ କେବଳ କାଗଜକଲମରେ ସୀମିତ ହୋଇ ରହିଯାଇଛି। ସହରରେ ଟ୍ରାଫିକ ଯାଞ୍ଚକୁ ଗୁରୁତ୍ୱ ଦିଆଯାଉଛି। ଅନେକ କାର୍ଯ୍ୟ ଓ ପୁଲିସ କର୍ମଚାରୀଙ୍କ ଅଭାବ ଥିବାରୁ ଯାଞ୍ଚକୁ ସାମାନ୍ୟତମ କୋହଳ କରାଯାଇଥିଲା। ଏହାକୁ ପୁଣି କାଡ଼ାକଡ଼ି କରିବାକୁ ଟ୍ରାଫିକ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଟ୍ରାଫିକ ପୁଲିସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ମାସେ ମହଲତ ନିୟମକୁ ଫୁ'

ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ଘରକୁ ଇ-ଚାଲାଣ ପଠାଯାଉଛି। ଉଲ୍ଲଂଘନକାରୀ ଜରିମାନା ଟଙ୍କା ପୈଠ କରୁ ନ ଥିବାରୁ ଜଣେ ଲେଖାଏଁ ବ୍ୟକ୍ତିଙ୍କ ନାଁରେ ୨୦ରୁ ୩୦ହଜାର ଲେଖାଏଁ ଚାଲାଣ ଗଡୁଛି। ଜରିମାନା ପୈଠ କରୁଥିବା ଉଲ୍ଲଂଘନକାରୀଙ୍କ ବିରୋଧରେ କୋଠର ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା। ଗୋଟିଏ ମାସ ଭିତରେ ଜରିମାନା ରାଶି ପୈଠ ନକଲେ କୋର୍ଟରୁ ଡାକରା ଆସିବ ବୋଲି ସଫା ସଫା ଶୁଣାଣି ଦିଆଯାଇଥିଲା। ନଚେତ୍ କୋର୍ଟଙ୍କ ପ୍ରସିକ୍ୟୁସନ ରିପୋର୍ଟ ଆଧାରରେ ଆମନିଆଙ୍କ ଠିକଣାରେ ସମନ୍ ପହଞ୍ଚିବ। ଟଙ୍କା ଦେବାରେ ବିଳମ୍ବ କଲେ ଅମାନିଆଙ୍କ ବିରୋଧରେ ଗିରଫ ପରୱାନା (ୱାରେଣ୍ଟ) ଜାରି କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଏହି ନିୟମକୁ କେହି ମାନିନାହାନ୍ତି କି ଜରିମାନା ଅର୍ଥ ଦାଖଲ କରୁନାହାନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା:
ନିୟମିତ : 13735 + ବ୍ୟାକଲଗ୍ : 456

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CR/2024-25/24 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.12.2024 ରୁ 07.01.2025 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 17.12.2024
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)



ଭୁବନେଶ୍ୱର ସିଟି

# ହେମାଳ ହୋଇଗଲା ଭୁବନେଶ୍ୱର



ଭୁବନେଶ୍ୱର, ୨୦।୧୨ (ସମିସ): ଭିତରେ କି ବାହାରେ, କୋଉଠି ତ୍ରାହି ନଥିଲା। ଝରକା, କବାଟ ବନ୍ଦ ପରେ ବି ଘର ଭିତରଟାରେ ଦେହହାତ ଥରି ଯାଉଥିଲା। ଗାଧୋଇବା ତ ଦୂରର କଥା, ପାଣି ଠୋପାଏ ପଡ଼ିଗଲେ ଦେହ ଶିହରି ଉଠୁଥିଲା। ଆଉ ଏସବୁକୁ ସ୍ଥିତିକୁ ଅତିକ୍ରମ କରି ଯେଉଁମାନେ ସ୍କୁଲ, କଲେଜ, ଅଫିସ୍ ବାହାରିଥିଲେ; ସେମାନଙ୍କ ପାଇଁ ନୂଆ ସମସ୍ୟା ଦେଖାଦେଇଥିଲା। ତାହା ହେଲା, ସ୍ୱେଟର୍ ପିନ୍ଧି ଯିବେ ନା ରେନ୍‌କୋଟ୍। ଆଜି ଦିନତମାମ ରାଜଧାନୀବାସୀ ଥଣ୍ଡାରେ କଲବଲ ହୋଇଛନ୍ତି। ଝିପିଝିପି ବର୍ଷାକୁ କାଲୁଆ ପବନ ପୂରା ରାଜଧାନୀକୁ ହେମାଳ କରିଦେଇଥିଲା।

ସୂଚନାନୁଯାୟୀ, ଗତକାଲି ପରି ଆଜି ସକାଳୁ ସକାଳୁ ରାଜଧାନୀର ପାଗ କୋହଲା ରହିଥିଲା। ପାଖାପାଖି ୮ଟା ବେଳକୁ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଥିଲା ଯେ ଆଉ ଛାଡ଼ି ନଥିଲା। ଦିନସାରା ବର୍ଷା ଲାଗି ରହିଥିଲା। ଏପରିକି, ବର୍ଷା ଯୋଗୁଁ କେତେବେଳେ ସୂର୍ଯ୍ୟ ଉଦୟ ହୋଇ ଅସ୍ତ ଗଲେ, ତାହା କେହି ଜାଣିପାରିନଥିଲେ। ଏପରି ସ୍ଥିତି ଯୋଗୁଁ ଆଜି ରାଜଧାନୀବାସୀ କଲବଲ ହୋଇଛନ୍ତି। କେବଳ ଜ୍ୟାକେଟ୍ କିମ୍ବା ସ୍ୱେଟର ପିନ୍ଧି ଘରୁ ବାହାରି ଆସିଥିବା ଲୋକେ ହରଡ଼ଘଣାରେ ପଡ଼ିଥିଲେ। ଅଦିନିଆ ବର୍ଷାରେ ସବୁ କିଛି ଓଦା ହୋଇଯିବାରୁ ଥରିଥରି ଘରକୁ ଫେରିଥିଲେ।

ସେହିପରି ଯେଉଁମାନଙ୍କର କିଛି ଜରୁରୀ କାମ ନଥିଲା, ସେମାନେ ଦିନ ସାରା ରେଜେଇ ଭିତରେ ଶୋଇ ରହି ବିତାଇଥିଲେ। ଫଳରେ ଆଜି ରାଜଧାନୀର ବଜାର ଘାଟ ସବୁ ଖାଁ ଖାଁ ରହିଥିଲା। ତେବେ ସନ୍ଧ୍ୟାରେ ବର୍ଷାର ପ୍ରକୋପ କମିବା ପରେ ସ୍ଥିତି ସାମାନ୍ୟ ସ୍ୱାଭାବିକ ହୋଇଥିଲା। ସଂଧ୍ୟାରେ ରାସ୍ତାକଡ଼ ଜଳଖିଆ ଓ ଚାହା ଦୋକାନରେ ବେଶ୍ ଭିଡ଼ ଜମିଥିଲା। ସହରର ରାସ୍ତାଘାଟରେ କିଛି ସ୍ଥାନରେ ପାଣି ଜମୁଥିବା ଦେଖିବାକୁ ମିଳିଥିଲା।

ବିଏମ୍‌ସି କର୍ପୋରେସନ ବୈଠକ

# ପ୍ରବାସୀ ଭାରତୀୟ ଦିବସ, ପଥଉତ୍ସବ ପ୍ରସ୍ତୁତି




ସଜେଇ ହେବ ସମ୍ପୂର୍ଣ୍ଣ ସହର

ଭୁବନେଶ୍ୱର, ୨୦।୧୨(ସମିସ): ଭୁବନେଶ୍ୱରକୁ ପୁଣି ଫେରିବ ପଥ ଉତ୍ସବ। ଚଳିତ ମାସ ୨୨ ଓ ୨୯ ଏବଂ ଜାନୁଆରୀ ୫ରେ ଶୀତୁଆ ସକାଳେ ଦୁଲୁକିବ ଭୁବନେଶ୍ୱର। ସେହିପରି ପ୍ରବାସୀ ଦିବସ ଉପଲକ୍ଷେ ବିଏମ୍‌ସି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଆଜି ବିଏମ୍‌ସିର ଏକାମ୍ର ହଲରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ପୋରେସନ ସ୍ୱତନ୍ତ୍ର ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି।

ସବୁ ଥର ପରି ଏଥର ମଧ୍ୟ ପଥ ଉତ୍ସବରେ ସବୁ ବର୍ଗର ଲୋକ ଏବଂ ସଂଗଠନଙ୍କୁ ସାମିଲ କରାଯାଇ ୱାର୍ଡସ୍ତରରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ଝୋଟି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବିଏମ୍‌ସି ପକ୍ଷରୁ ହେବାକୁ ଥିବା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜାନୁଆରୀ ଦ୍ୱିତୀୟ ସପ୍ତାହରେ ପ୍ରବାଦୀ ଭାରତୀୟ ସମ୍ମିଳନୀ ପାଇଁ ଭୁବନେଶ୍ୱରରେ ୮ ହଜାରରୁ ଅଧିକ ପ୍ରବାସୀ ଭାରତୀୟଙ୍କର ସମାଗମ ହେବ। ଏହି ସମୟରେ ସେମାନଙ୍କୁ ଭୁବନେଶ୍ୱର ଭିତରେ ଥିବା ବିଭିନ୍ନ ଦର୍ଶନୀୟସ୍ଥାନ ଲିଙ୍ଗରାଜ ମନ୍ଦିର, ରାଜାରାଣୀ, ମାଉସୀମା, ଅନନ୍ତ ବାସୁଦେବ, ଖଣ୍ଡଗିରି, ଉଦୟଗିରି, ଧଉଳଗିରି, ରାଜ୍ୟ ସଂଗ୍ରହାଳୟ ଆଦି ସ୍ଥାନ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏମାନଙ୍କୁ ଭବ୍ୟ ସ୍ୱାଗତ କରିବାକୁ ରାସ୍ତା ଘାଟ ସୌନ୍ଦର୍ଯୀକରଣ କରଯିବ। ଏବେଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଯାଇଛି ସାଂସ୍କୃତିକ କାର୍ଯ୍ୟକ୍ରମ ବିଚିତ୍ରା। ପ୍ରତି ରହିବାର ଦିନ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି ଭୁବନେଶ୍ୱର ଭାଇବ୍‌ସ। ଏହା ବ୍ୟତିତ ହ୍ୟାଣ୍ଡଲୁମ୍ ୱାକଥନ, ସାଇକେଲଥନ ଅନୁଷ୍ଠିତ ହେବ।

ଭୁବନେଶ୍ୱରକୁ ସଜାଇବା ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ସହ ବିଭିନ୍ନ ସ୍ଥାନରେ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଛି। ବିଭିନ୍ନ ଛକକୁ ମଧ୍ୟ ନୂତନ ରୂପରେ ସଜ୍ଜିତ କରାଯାଉଛି। ସେହିପରି ୫୫ଟି ପ୍ରମୁଖ ରାସ୍ତାକୁ ଜବରଦଖଲ ମୁକ୍ତ କରାଯାଉଛି। ପାର୍କିଂ ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରାଯାଉଛି। ଲୋକମାନେ ରାସ୍ତାର ଏଣେତେଣେ ଯେପରି ଗାଡି ନ ରଖନ୍ତି ତାହା ଉପରେ ମଧ୍ୟ ଦୃଷ୍ଟି ଦିଆଯାଉଛି ଏବଂ ପାର୍କଗୁଡ଼ିକୁ ସୌନ୍ଦର୍ଯ୍ୟକରଣ କରାଯାଉଛି। ଏହି ସବୁ କାମ କରିବା ପାଇଁ ବିଭିନ୍ନ ସଂସ୍ଥା ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି। ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସଂଯୋଜନା କରିଥିଲେ।

## ନିବେଶ କରି ଫସିଥିଲେ ଦୁଇ ନର୍ସ

### ବର୍ଷେ ପରେ ଫେରିପାଇଲେ ୨୫ ଲକ୍ଷ ଟଙ୍କା

ଭୁବନେଶ୍ୱର, ୨୦।୧୨(ସମିସ): ଅଧିକ ରିଟର୍ଣ୍ଣ ଆଶାରେ ଟଙ୍କା ନିବେଶ କରି ଫସିଥିଲେ ଦୁଇ ନର୍ସ। ସେମାନଙ୍କୁ ଲୋଭ ଦେଖାଇ ୨୪ ଲକ୍ଷ ୬୦ ହଜାର ଟଙ୍କା ସାଇବର ଠକ ନେଇଯାଇଥିଲେ। ବର୍ଷେ କସରତ ପରେ ସେମାନଙ୍କ ଠକେଇ ଟଙ୍କାକୁ ଫେରାଇ ଆଣିବାରେ ସଫଳ ହୋଇଛି ସାଇବର ଥାନା ପୁଲିସ। ପରେ ସେମାନଙ୍କୁ ଡାକି ଠକେଇ ହୋଇଥିବା ୨୫ ଲକ୍ଷ ଟଙ୍କାକୁ ଫେରସ୍ତ କରାଯାଇଛି।

ପୁଲିସର କହିବା ଅନୁଯାୟୀ, ଭୁବନେଶ୍ୱର ଏକ ହସ୍ପିଟାଲରେ ଦୁଇ ଅଣଓଡ଼ିଆ ନର୍ସ ରୋଜେଲିଣ୍ଡା ଓ ଇଭା କାର୍ଯ୍ୟ କରୁଥିଲେ। ସେମାନେ କମ୍ ନିବେଶ ଲୋଭରେ କ୍ୟୁନେଟ୍ ଆପ୍‌ରେ ଟଙ୍କା ନିବେଶ କରିଥିଲେ। ରୋଜେଲିଣ୍ଡା ୧୧ ଲକ୍ଷ ୪୦ହଜାର ଓ ଇଭା ୧୩ ଲକ୍ଷ ୨୦ ହଜାର ଟଙ୍କା ନିବେଶ କରିଥିଲେ। ଟଙ୍କା ନିବେଶ କରିବା ପରେ ଅଧିକ ସୁଧ ମିଳିବାର ଆଶା ଦେଖାଇ ଜୁମ୍ ମିଟିଂରେ ଯୋଡି ଦେଇଥିଲେ। ସେମାନେ କ୍ୟୁନେଟ୍ ଆପ୍‌ରେ ଟଙ୍କା ଜମା କରିବା ପରେ ସେମାନଙ୍କ ଆକାଉଣ୍ଟକୁ ବନ୍ଦ କରି ଦେଇଥିଲେ। ଗତ ୨୦୨୩ ମସିହା ଅକ୍ଟୋବର ୨୭ ତାରିଖରେ ଉଭୟ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ ସତ ପଦାକୁ ଆସିଥିଲା। ଉକ୍ତ କ୍ୟୁନେଟ୍ ଆପ୍‌ଟି ନକଲି ନିବେଶ ଆପ୍ ଜଣାପଡ଼ିଥିଲା। ଏହି ମାମଲାର ତଦନ୍ତ ସାଇବର ଥାନା ପୁଲିସ କରିବା ପରେ ଟଙ୍କା ଯାଉଥିବା ଆକାଉଣ୍ଟକୁ ବନ୍ଦ କରି ଦେଇଥିଲା। ଆକାଉଣ୍ଟରେ ଥିବା ଟଙ୍କାକୁ ଅଚଳ କରିବା ପରେ କୋର୍ଟଙ୍କ ଅନୁମତି ଆଣି ଦୁଇ ନର୍ସଙ୍କୁ ଟଙ୍କା ଫେରସ୍ତ କରାଯାଇଛି।

## ଗେମ୍ ଆପ୍ ଠକେଇ; ସତ ଉଗାରିଲେ ୪ ଅଭିଯୁକ୍ତ

ଭୁବନେଶ୍ୱର, ୨୦।୧୨(ସମିସ): ଅନ୍‌ଲାଇନ୍ ଗେମ୍ ଆପ୍‌ରେ ଠକେଇ ମାମଲାରେ ଧରାପଡ଼ିଥିବା ବୈଭବ ଖାନା, କମଲଜିତ ସିଂ, ଜି ମହିପାଲ ଓ ପଟେଲ ତେଜଶଙ୍କୁ ୨ଦିନିଆ ରିମାଣ୍ଡରେ ଆଣି ଜେରା କରିଛି ସାଇବର ଥାନା ପୁଲିସ। ସେମାନେ ପୁଲିସ ନିକଟରେ ବହୁ ଚାଞ୍ଚଲ୍ୟକର କଥା ପ୍ରକାଶ କରିଛନ୍ତି। ଏହାକୁ ଅପରେଟ୍ କରୁଥିବା ଗ୍ୟାଙ୍ଗ୍ ମୁଖିଆ ବିଷୟରେ ପୂରା ତଥ୍ୟ ଦେଇଛନ୍ତି। ସେମାନଙ୍କ ଠାରୁ ମିଳିଥିବା ତଥ୍ୟକୁ ପୁଲିସ ଯାଞ୍ଚ କରିବା ସହ ମୁଖିଆକୁ ଧରିବା ପାଇ ରାଜ୍ୟ ବାହାରକୁ ଯାଇଛି। ସେମାନଙ୍କ ଗ୍ୟାଙ୍ଗ୍‌ର ଆଉ କିଛି ସଦସ୍ୟ ଭୁବନେଶ୍ୱରରେ ଲୁଚି ରହିଥିବା କଥା ସାମ୍‌ନାକୁ ଆସିଛି। ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିବା ବେଳେ କୋର୍ଟ ଦୁଇ ଦିନ ଲାଗି ଅନୁମତି ପ୍ରଦାନ କରିଥିଲେ। ଅନୁରୂପ ଭାବେ ଦିଲ୍ଲୀ, ତେଲେଙ୍ଗାନା ଓ ଗୁଜରାଟରେ ମାଷ୍ଟରମାଇଣ୍ଡ ରହି ଏହି ଗେମ୍‌କୁ ପରିଚାଳନା କରୁଥିଲା। ନକଲି ଚାଇନିଜ ଗେମ୍ ଆପ୍ କଲ୍ ସେଣ୍ଟର ଖୋଲି ସେଠାରେ ନିଯୁକ୍ତି ଦିଆଯାଉଥିଲା। ଏଥିସହ ଜବତ ହୋଇଥିବା ଡିଜିଟାଲ ଡିଭାଇସ୍‌ଗୁଡିକ ଏଫ୍‌ଏସ୍‌ଏଲ୍‌କୁ ପଠାଯାଇଛି। ଏହି ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ପୁଲିସ କହିଛି।

### କମଳା ନେହେରୁ କଲେଜରେ ବିଶୁଦ୍ଧ ପିଇବା ପାଣି ମେସିନ୍ ଉଦ୍‌ଘାଟିତ

## ବାଟୋଇଙ୍କ ଶୋଷ ମେଣ୍ଟାଇବ 'ନିର୍ମଳ ଝର'

ଭୁବନେଶ୍ୱର, ୨୦।୧୨(ସମିସ): କମଳା ନେହେରୁ ମହିଳା ମହାବିଦ୍ୟାଳୟ ପକ୍ଷରୁ ସତ୍ୟସାଇ ସେବା ସଂଗଠନ ସହଯୋଗରେ ବିଶୁଦ୍ଧ ପିଇବା ପାଣି ମେସିନ୍ 'ନିର୍ମଳ ଝର'କୁ ଶୁକ୍ରାବାର ଉଦଘାଟନ କରାଯାଇଛି। ମହାବିଦ୍ୟାଳୟ ପରିସରରେ ମେସିନ୍ ଲଗାଯାଇଥିବାବେଳେ ଛାତ୍ରୀ, ସ୍ଥାନୀୟ ବାସିନ୍ଦା ତଥା ପଥଚାରୀ ଏହା ଦ୍ୱାରା ଉପକୃତ ହେବେ। ସତ୍ୟସାଇ ସେବା ସଂଗଠନର ଭୁବନେଶ୍ୱର ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ସହ ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ମିଶ୍ର ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଶାନ୍ତ କୁମାର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବରିଷ୍ଠ ଅଧ୍ୟାପକ ରମାକାନ୍ତ ମହାପାତ୍ର, ସୁନିଲ କୁମାର ରଥଙ୍କ ସମେତ ବହୁ କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିବାବେଳେ ଏନ୍‌ଏସ୍‌ଏସ୍ ଛାତ୍ରୀମାନେ ସହଯୋଗ କରିଥିଲେ।

୧୦ଦଫା ଦାବିରେ ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ

## ସ୍ଥାୟୀ ନିଯୁକ୍ତି ସହ ସମାନ ଦରମା ଦାବି




ଭୁବନେଶ୍ୱର, ୨୦।୧୨(ସମିସ): ଆୟୁଷ ଡାକ୍ତରମାନେ ଦୀର୍ଘ ଦିନରୁ ରୋଗୀସେବା କରୁଥିଲେ ମଧ୍ୟ ନିଜେ ଅବହେଳିତ ହୋଇଛନ୍ତି। ଯୋଗ୍ୟତା ଅନୁସାରେ ବେତନ ମିଳୁ ନଥିବା ବେଳେ ଚାକିରୀର ସ୍ଥାୟୀତ୍ୱ ମଧ୍ୟ ନାହିଁ। ଏଣୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଏମ୍‌ଏଚ୍‌ୟୁ କୋ ଲୋକେଟେଡ୍ ଓ ଆର୍‌ବିଏସ୍‌କେ ଡାକ୍ତରମାନେ ଶୁକ୍ରବାର ଗାନ୍ଧୀମାର୍ଗରେ ବିକ୍ଷୋଭ କରିଛନ୍ତି। ସ୍ଥାୟୀ ଚାକିରୀ ସହ ସମାନ କାମକୁ ସମାନ ଦରମା, ଅବସର ସମୟରେ ଏକକାଳୀନ ସହାୟତା ରାଶି, ୧୧ମାସିଆ ଚୁକ୍ତି ଉଚ୍ଛେଦ, ଉଚ୍ଚ ଶିକ୍ଷା ପାଇଁ ଛୁଟି ପରେ ଆସିଲେ ଚାକିରୀରେ ପୁନଃ ଯୋଗଦାନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାରେ ସାମିଲ, ଜାତୀୟ ଆୟୁଷ ମିଶନ୍‌କୁ ସ୍ଥାନାନ୍ତରଣ ପରି ୧୦ ଦଫା ଦାବି ପୂରଣ କରିବାକୁ ଦାବି କରିଛନ୍ତି। ଦିନସାରା ବର୍ଷାରେ ଭିଜି ନିଜ କୋହ ଓ ଲୁହକୁ ସରକାରଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିଛନ୍ତି। ଓଡ଼ିଶା ମେଡିକାଲ ସର୍ଭିସ୍ ଆଶୋସିଏସନ୍ (ଓମ୍‌ସା) ରାଜ୍ୟ ସଭାପତି ଡ. କିଶୋରଚନ୍ଦ୍ର ମିଶ୍ର ଆନ୍ଦୋଳନରେ ସାମିଲ ହୋଇ ସମର୍ଥନ ଜଣାଇଛନ୍ତି। ସେହିପରି ବିଭିନ୍ନ ଆୟୁଷ ଛାତ୍ର ଓ ଶିକ୍ଷକ ସଂଘମାନେ ମଧ୍ୟ ସମର୍ଥନ କରିଛନ୍ତି। ପରେ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ସହ ଡାକ୍ତରଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରି ସମାନ କାମକୁ ସମାନ ଦରମା ଖୁବଶୀଘ୍ର ପ୍ରଦାନ କରିବା ପାଇଁ ଦାବି ପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରତିଶ୍ରୁତି ଦେଇଥିବା ନେଇ ସଂଘର ଅଧ୍ୟକ୍ଷ ଡାକ୍ତର ବିଶ୍ୱରଞ୍ଜନ ଜେନା ସୂଚନା ଦେଇଛନ୍ତି। ଏଥିରେ ବିଳମ୍ବ ହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ସେ ଚେତାବନୀ ଦେଇଛନ୍ତି।

'ଶାଶ୍ୱତ'ର ଶୀତଦିନିଆ ଆସର

## ବର୍ଷାରେ ଉଷ୍ମତା ଭରିଲା କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୨୦।୧୨(ସମିସ): ବୟସ ବଢ଼ି ବାର୍ଦ୍ଧକ୍ୟ ଉପନୀତ ହୋଇଛି, ଶରୀର କ୍ରମଶଃ ଦୁର୍ବଳ ହୋଇ ଆସୁଛି। ହେଲେ ଦୃଢ଼ ମନୋବଳ ଯୁବ ସୁଲଭତାକୁ ପ୍ରସ୍ଫୁଟିତ କରି ରଖିଛି। ବୟସ ଯେତିକି ବଢ଼ିଛି, ସ୍ମୃତି ଶକ୍ତି ସେତିକି ପ୍ରଖର ହୋଇଛି। ବୟସ କେବଳ ଏକ ସଂଖ୍ୟା ବୋଲି ଏହା ହିଁ ପ୍ରମାଣିତ କରୁଛି। ଛାତ୍ରଛାତ୍ରୀଙ୍କ ଭିତରେ



ସାଧାରଣ ଜ୍ଞାନ ଓ କୁଇଜ୍ ନେଇ ଅନେକ ପ୍ରତିଯୋଗିତା କଥା ଆମେ ଶୁଣିଛେ। ହେଲେ ବୟସ୍କ ବ୍ୟକ୍ତିମାନେ କେବେ ଏହି ପ୍ରତିଯୋଗିତା ଅନୁଷ୍ଠିତ କରି ଏଥିରେ ଅଂଶଗ୍ରହଣ କରିବା କଥା ବୋଧ ହୁଏ ବହୁତ୍ କମ୍ ଶୁଣିଥିବେ। ବୟସର ଶେଷ ପର୍ଯ୍ୟାୟରେ କେହି ପ୍ରଶ୍ନର ଉତ୍ତର ଦେବାକୁ ଭୁଲିନଥିଲେ। ପ୍ରଶ୍ନ ଯେମିତି ଆସୁଥିଲା, ଉତ୍ତର ବି ସେମିତି ଶୁଣିବାକୁ ମିଳୁଥିଲା। ବରିଷ୍ଠ ନାଗରିକମାନଙ୍କୁ ନେଇ ଏଭଳି ଏକ ମନୋରାମ ଦୃଶ୍ୟ ଆଜି ଜୟଦେବ ବାଟିକାର ୩୩ ନମ୍ବର ପିଣ୍ଡିରେ ଦେଖିବାକୁ ମିଳିଥିଲା। ଅବସର ଥିଲା 'ଶାଶ୍ୱତ' ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ ତଥା ବଣଭୋଜି ଆସର।

ବରିଷ୍ଠ ନାଗରିକମାନଙ୍କୁ ନେଇ ଗଠିତ ଏହି ଅନୁଷ୍ଠାନ ପ୍ରତିବର୍ଷ ବନ୍ଧୁମିଳନ କରି ସମୟବୟସ୍କ ବ୍ୟକ୍ତିମାନଙ୍କ ପାଇଁ ମନରେ ଉର୍ଜା ଭରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ କରିଥାଏ। ଚଳିତବର୍ଷ ଅନୁରୂପ ଭାବେ ଏଭଳି ମନଛୁଆଁ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଦେଶବିଦେଶଠାରୁ ଆରମ୍ଭ କରି ରାଜ୍ୟର ରାଜନୀତି, କୃଷି, କ୍ରୀଡ଼ା, ସାହିତ୍ୟ, ସିନେମା ଓ ସଙ୍ଗୀତ ଆଦି ବିଭିନ୍ନ ବର୍ଗର ବିଷୟକୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଟିକାରେ ଝିପିଝିପି ବର୍ଷା ଓ ପିଣ୍ଡି ଭିତର ଛାତ ତଳେ ଏଭଳି ମନଛୁଆଁ ଆସର କିଛି କ୍ଷଣ ପାଇଁ ସମସ୍ତଙ୍କ ଭିନ୍ନ ଏକ ଦୁନିଆରେ ପହଞ୍ଚାଇ ଦେଇଥିଲା। ସଂଘର ସଭାପତି ବିଜୟ ଦାଶଙ୍କ ତତ୍ତ୍ୱାବଧାନରେ ଏହି ମନଛୁଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବର୍ଷା ଓ ଶୀତର ସମିଶ୍ରଣ ପାଗକୁ ଯେତିକି କୋହଲା କରୁଥିଲା, ଏହି ପ୍ରତିଯୋଗିତରେ ସମସ୍ତଙ୍କ ଭିତରେ ସେତିକି ଉଷ୍ମତା ଭରୁଥିଲା।

## ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ 'ଭଲ ବହିର ବାସ୍ନା' ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୦।୧୨(ସମିସ): ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ସମିତି ପରିସରରେ ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଓ ବକ୍ତା ଭାବରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. ଅଲେଖ ଚନ୍ଦ୍ର ପଡ଼ିଆରୀ 'ଭଲ ବହିର ବାସ୍ନା' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଦେଶ, କାଳ ଓ ପାତ୍ରକୁ ଦୃଷ୍ଟି ରଖି ରଚିତ ପୁସ୍ତକ କାଳଜୟୀ। ବର୍ତ୍ତମାନ ବହୁ ଉପାଦେୟ ପୁସ୍ତକ ପ୍ରକାଶ ପାଉଥିଲେ ମଧ୍ୟ ତାହା ଆଲୋଚନା ପରିସରକୁ ଆସି ପାରୁନାହିଁ। ତେଣୁ ପ୍ରକାଶକ ଓ ଲେଖକମାନେ ସଚେତନ ହେବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ରମାକାନ୍ତ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭାର୍ଗବୀ ତୀରର 'ଗନ୍ଧର୍ବ' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୨୦।୧୨(ସମିସ): ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପୂଜାରାଣୀ ପାଣିଙ୍କ ରଚିତ ଭାର୍ଗବୀ ତୀରର ଗନ୍ଧର୍ବ ପୁସ୍ତକ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଲୋକାର୍ପିତ ହୋଇ ଯାଇଛି। ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀଙ୍କ ସଭାପତତ୍ୱରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଡ.ଅଜୟ କୁମାର ସ୍ୱାଇଁ, ଅନ୍ୟତମ ସମ୍ମାନିତ ଅତିଥି ସଂଳାପ ନିର୍ଦ୍ଦେଶକ ରଜନୀ ରଞ୍ଜନ ଦାସ, ଶିଶୁ ସାହିତ୍ୟିକ ତଥା ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ବିଶିଷ୍ଟ ନାଟ୍ୟକାର ମନ୍ମଥ ଶତପଥୀ, କେଦାରନାଥ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ପାଣି ପ୍ରମୁଖ ଯୋଗ ଦେଇ ସଙ୍ଗୀତ ସୁଧାକର ବାଳକୃଷ୍ଣ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ.ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମଳିନୀ ମଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶଙ୍କର୍ଷଣ ସାମଲ, ତନୟା ଦାସ ଗୋସ୍ୱାମୀ, ବିଜୟ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆମ୍ବେଦକରଙ୍କୁ ଅସମ୍ମାନଜନକ ମନ୍ତବ୍ୟର ପ୍ରତିବାଦ

ଭୁବନେଶ୍ୱର, ୨୦।୧୨(ସମିସ): ସଂସଦରେ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ସମ୍ପର୍କିତ ମନ୍ତବ୍ୟର




ପ୍ରତିବାଦରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ରାଜମହଲ ଛକଠାରେ ରାସ୍ତାରୋକୋ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭକାରୀଙ୍କୁ ଭୁବନେଶ୍ୱର ସିପିଆଇ ଜୋନର୍ ସମ୍ପାଦକ ସୁର ଜେନା ଓ ବିକେଏମ୍‌ୟୁର ରାଜ୍ୟ ସହ ସମ୍ପାଦକ ଶଙ୍କର୍ଷଣ ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇ ବିଜେପି ଓ ଆର୍‌ଏସ୍‌ଏସ ସର୍ବଦା ମନୁସ୍ମୃତିର ଧାରକ ତଥା ବାହକ ବୋଲି କହିଥିଲେ। ସେମାନେ ପ୍ରଥମରୁ ସମ୍ବିଧାନକୁ ବିରୋଧ କରିଥିଲେ ଓ ଡକ୍ଟର ଆମ୍ବେଦକରଙ୍କୁ ସମାଲୋଚନା କରିଥିଲେ। ଡ. ଆମ୍ବେଦକରଙ୍କୁ ଅପମାନ ଦିଆଯାଇଥିବା କଥାକୁ ଏଡ଼େଇ ଦେବା ପାଇଁ ସେମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରସଙ୍ଗକୁ ଅଯଥାରେ ଟାଣିଆଣି ଓ ସଂସଦରେ ହୋହଲ୍ଲା କରୁଛନ୍ତି ଏବଂ ଏପରିକି ବିଜେପି ସାଂସଦମାନେ ସଂସଦର ଦ୍ୱାରଦେଶକୁ ଅବରୋଧ କରି ରହି ବିରୋଧୀ ସାଂସଦମାନଙ୍କୁ ଭିତରକୁ ଯିବା ପାଇଁ ନ ଦେଇ ଗଣ୍ଡଗୋଳ ଭିଆଇଛନ୍ତି ବୋଲି କହିଥିଲେ। ଏହି ବିକ୍ଷୋଭରେ ଶ୍ରମିକ ନେତା ପଞ୍ଚାନନ ସାହୁ, କୈଳାସ ପୁହାଣ, ରାଧାକାନ୍ତ ଶତପଥୀ, ବିଶ୍ୱଜିତ୍ ନାୟକ, ଉଗ୍ରସେନ ଦାସ, ପ୍ରମୋଦ ମଲ୍ଲିକ, ବ୍ରହ୍ମାନନ୍ଦ ବେହେରା, ବେଣୁଧର ସାହୁ ପ୍ରମୁଖ ବହୁ କର୍ମୀ ଯୋଗଦେଇଥିଲେ।

# ଆଜି ବର୍ଷର ସବୁଠାରୁ ଛୋଟ ଦିନ

ଭୁବନେଶ୍ୱର, ୨୦।୧୨(ସମିସ): ଡିସେମ୍ବର ୨୫ ତାରିଖକୁ ଆମେ 'ବଡଦିନ' ରୂପେ ପାଳନ କରୁ। କିନ୍ତୁ ଏପରି ନାମକରଣର କାରଣ ଏକ ମହାଜାଗତିକ ଘଟଣାରୁ ଆସିଛି। ପ୍ରତିବର୍ଷ ଡିସେମ୍ବର ୨୧ କିମ୍ବା ୨୨ତାରିଖରେ ଉତ୍ତର ଗୋଲାର୍ଦ୍ଧରେ ଶୀତଋତୁର ପ୍ରଥମ ଦିନ ଆରମ୍ଭ ହୋଇଥାଏ ଏବଂ ଏହା ବର୍ଷର ସବୁଠାରୁ ଛୋଟ ଦିନ ହୋଇଥାଏ। ଜ୍ୟୋତିର୍ବିଜ୍ଞାନୀଙ୍କ ମତରେ ଶୀତଦିନ ଆରମ୍ଭ ହୁଏ ବର୍ଷର ଏହି ସବୁଠାରୁ ଛୋଟ ଦିନରୁ ଓ ଧୀରେ ଧୀରେ ଦିନଗୁଡ଼ିକ ଅଧିକରୁ ଅଧିକ ଲମ୍ବା ହୁଏ ବା ଦିନର ଲମ୍ବ ବଡ ହେବାକୁ ଆରମ୍ଭ ହୁଏ। ତେଣୁ ଡିସେମ୍ବର ୨୫ ତାରିଖର 'ବଡଦିନ' ନାମକରଣର ଯଥାର୍ତତା ରହିଛି।

ଭୁବନେଶ୍ୱର ପାଇଁ ୨୦୨୪ ମସିହାର ଡିସେମ୍ବର ୨୧ ତାରିଖରେ ସବୁଠାରୁ ଛୋଟ ଦିନ ପ୍ରାୟ ୧୦ ଘଣ୍ଟା ୫୪ ମିନିଟ୍ ୨୪ ସେ ସକେଣ୍ଡ ହେବ। ଦୀର୍ଘତମ ରାତି ପ୍ରାୟ ୧୩ ଘଣ୍ଟା, ୫ ମିନିଟ୍ ୩୬ ସେକେଣ୍ଡ ହେବ। କିନ୍ତୁ ଭୁବନେଶ୍ୱରରେ ଡିସେମ୍ବର ୧୫ ରୁ ଡିସେମ୍ବର ୨୭ ପ୍ରାୟ ୧୨ ଦିନ ଧରି ଦିନ ୧୦ ଘଣ୍ଟା ୫୪ ମିନିଟ୍ ଏବଂ ରାତି ପ୍ରାୟ ପ୍ରାୟ ୧୩ ଘଣ୍ଟା ୫ ମିନିଟ୍ ହୁଏ। ଡିସେମ୍ବର ୨୧ ତାରିଖରେ ସୁନ୍ଦରଗଡ଼ ଓ ମାଲକାନଗିରି ଠାରେ ଦିନର ଲମ୍ବା ଯଥାକ୍ରମେ ମାତ୍ର ୧୦ ଘଣ୍ଟା ୪୭ ମିନିଟ୍ ଓ ୧୧ ଘଣ୍ଟା ୦୧ ମିନିଟ୍ ହେବ। ସେହି ତାରିଖରେ ଦିଲ୍ଲୀ ଓ କନ୍ୟାକୁମାରୀ ଠାରେ ଦିନର ଲମ୍ବା ଯଥାକ୍ରମେ ମାତ୍ର ୧୦ ଘଣ୍ଟା ୧୯ ମିନିଟ୍ ଓ ୧୧ ଘଣ୍ଟା ୩୯ ମିନିଟ୍ ହେବ ବୋଲି ପଠାଣିସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

ମାର୍ଚ୍ଚ ମାସ ୨୨ ବା ୨୩ ତାରିଖ ବେଳକୁ ଦିନ ଓ ରାତିର ଅବଧି ପାଖାପାଖି ସମାନ ହୁଏ। ଜୁନ ୨୧ ବା ବା ୨୨ ତାରିଖରେ ଉତ୍ତର ଗୋଲାର୍ଦ୍ଧରେ ସବୁଠାରୁ ବଡ଼ଦିନ ହୋଇଥାଏ। ମେରୁ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ବର୍ଷସାରା ଦିନ ସମୟରେ ବଡ଼ ପାର୍ଥକ୍ୟ ଅନୁଭୁତ ହୁଏ। ସେଠାରେ ଶୀତଋତୁରେ ଦିନଗୁଡ଼ିକ ଅତ୍ୟନ୍ତ ଛୋଟ ହୁଏ। ସୂର୍ଯ୍ୟ ଚାରିପଟେ ପୃଥିବୀ ନିଜ କକ୍ଷ ପଥରେ ପ୍ରାୟ ୨୩.୫ ଡିଗ୍ରୀ ଢଳି ରହି ସୂର୍ଯ୍ୟ ଚାରିପଟେ ପରିକ୍ରମା କରୁଥିବାରୁ ସୂର୍ଯ୍ୟ ସବୁଦିନ ସମାନ ସ୍ଥାନରୁ ଉଦୟ ହୁଏ ନାହିଁ ବା ଏକା ଜାଗାରେ ଅସ୍ତ ଯାଏ ନାହିଁ ଓ ସୂର୍ଯ୍ୟର ଉତ୍ତରାୟଣ ଏବଂ ଦକ୍ଷିଣାୟଣ ଗତି ମଧ୍ୟ ଦେଖାଯାଇଥାଏ। ପ୍ରତ୍ୟେକ ବର୍ଷ ଜୁନ ମାସ ୨୧ ତାରିଖରେ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧର ୨୩.୫ ଡିଗ୍ରୀ ଠାରେ ଥିବା କର୍କଟକ୍ରାନ୍ତି ଠାରୁ ଧୀରେ ଧୀରେ ଦକ୍ଷିଣ ଦିଗକୁ ଗତି କରିଥାଏ। ଯାହାକୁ ଆମେ ସୂର୍ଯ୍ୟର ଦକ୍ଷିଣାୟନ ଗତି କହିଥାଉ। ଏହିପରି ଦକ୍ଷିଣ ଦିଗକୁ ଢଳି ଢଳି ୨୨ ଡିସେମ୍ବର ବେଳକୁ ସୂର୍ଯ୍ୟ ବିଷୁବ ରେଖା ଠାରୁ ୨୩.୫ ଡିଗ୍ରୀ ଦକ୍ଷିଣରେ ଥିବା ମକର କ୍ରାନ୍ତିରେ ପହଞ୍ଚିଥାଏ। ଫଳରେ ବର୍ଷର ବିଭିନ୍ନ ସମୟରେ ଦିନ ଓ ରାତିର ଅବଧିରେ ତାରତମ୍ୟ ହୋଇଥାଏ।





# ସରୁନାହିଁ ପରୀକ୍ଷା ଦୁର୍ଦ୍ଦଶା



## ପୁଲିସ ଡ୍ରାଇଭର ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ
## ପାଲ ଘୋଡ଼ିହୋଇ ଅପେକ୍ଷା କଲେ

**ଭୁବନେଶ୍ୱର, ୨୦।୧୨(ସମିସ):** ଦୂର ହେଉନି ନିଯୁକ୍ତି ପରୀକ୍ଷା ଅବ୍ୟବସ୍ଥା କି ଚେତୁ ନାହାନ୍ତି ସରକାର। ପରୀକ୍ଷାର୍ଥୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସେମାନଙ୍କ କଥା କେହି କର୍ଣ୍ଣପାତ କରୁନାହାନ୍ତି। ପୂର୍ବରୁ ଏକାଧିକ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଓ ଅବ୍ୟବସ୍ଥା ଅଭିଯୋଗ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁଲିସ ଡ୍ରାଇଭର ନିଯୁକ୍ତି ପରୀକ୍ଷାରେ ପୁଣି ଦେଖିବାକୁ ମିଳିଛି ଏହାର ପୁନରାବୃତ୍ତି। କଟକ ଜିଲ୍ଲା ପୁଲନଖରା ସ୍ଥିତ କଚରାମାଳ ନିକଟରେ ଥିବା ସେଣ୍ଟର ଭାଲି ଡିଜିଟାଲ୍ ସର୍ଭିସ ପରୀକ୍ଷା କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି।

ପରୀକ୍ଷାର୍ଥୀଙ୍କ ଅଭିଯୋଗ ଅନୁଯାୟୀ, ସେହି ସେଣ୍ଟରକୁ ଯିବା ପାଇଁ ଉଦ୍ଦିଷ୍ଟ ବାଟ ଖୋଜିବାରେ ପ୍ରାର୍ଥୀମାନଙ୍କର ବହୁ ସମୟ ଗଲା। ଅଡମିଟ୍ କାର୍ଡ କିମ୍ବା ଗୁଗୁଲ ମ୍ୟାପ୍‌ରେ ଲୋକେସନ ନଥିବାରୁ ପିଲାମାନେ ଏପରି ଦୁର୍ଦ୍ଦଶା ଭୋଗିଲେ। ଏପରିକି ପରୀକ୍ଷା କେନ୍ଦ୍ରର ଠିକଣା ଖୋଜୁ ଖୋଜୁ ସେପଟେ ପରୀକ୍ଷା ଆରମ୍ଭ ହୋଇଯାଇଥିଲା। କିନ୍ତୁ ଜାତୀୟ ରାଜପଥରେ ପରୀକ୍ଷାର୍ଥୀମାନେ ଏଣେତେଣେ ଦୌଡୁଥିବା ଦେଖାଯାଇଥିଲା। ପରୀକ୍ଷା କେନ୍ଦ୍ରରେ ମଧ୍ୟ ଅପେକ୍ଷା କରିବାକୁ କୌଣସି ସ୍ୱତନ୍ତ୍ର ସ୍ଥାନ ନାହିଁ। ଫଳରେ ଦିନସାରା ବର୍ଷା ଲାଗି ରହିଥିବାରୁ ପାଲ ଘୋଡ଼ାଇ ଘୋଇ ପରୀକ୍ଷାର୍ଥୀମାନେ ଅପେକ୍ଷା କରିଥିଲେ। ପ୍ରବେଶ ପୂର୍ବରୁ ଯାଞ୍ଚ ପାଇଁ ବର୍ଷାରେ ଧାଡ଼ିରେ ଛିଡ଼ା ହୋଇଥିଲେ। ଦ୍ୱିତୀୟ ସିଫ୍ଟ ପରୀକ୍ଷା ପ୍ରବେଶ ପାଇଁ ୧୨.୪୫ ଶେଷ ସମୟ ଥିବାବେଳେ ଠିକ୍ ୧ଟାରୁ ପରୀକ୍ଷା ଆରମ୍ଭ ହେବାର ଥିଲା। ହେଲେ ପ୍ରାୟ ୧.୧୫ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ପରୀକ୍ଷା ହଲକୁ ପ୍ରବେଶ କରୁଥିଲେ। ପରୀକ୍ଷକମାନେ ପାଟି କରି ପରୀକ୍ଷାର୍ଥୀଙ୍କୁ ସହଯୋଗ କରୁଥିବାରୁ ଅନ୍ୟ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କେନ୍ଦ୍ର ଭିତରେ ହୋ ହଲ୍ଲା ଚାଲିଥିଲା। ବାରମ୍ବାର ନିଯୁକ୍ତି ପରୀକ୍ଷାରେ ଅବବ୍ୟସ୍ଥା ଦେଖାଦେଉଥିବାବେଳେ ସରକାର କାହିଁକି କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ପରୀକ୍ଷାର୍ଥୀମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଜଣେ ଅଧିକାରୀ କହିଛନ୍ତି, ପରୀକ୍ଷାକେନ୍ଦ୍ର ନୂଆ କରି ହୋଇଛି ଓ ଏହା ପ୍ରଥମ ପରୀକ୍ଷା। ଏଣୁ ଗୁଗୁଲ୍‌ରେ ଏହାର ଲୋକେସନ୍ ଆସୁନାହିଁ। ବର୍ଷାର ପୂର୍ବ ଆକଳନ କରିପାରି ନଥିବାରୁ ଅବ୍ୟବସ୍ଥା ହୋଇଛି। ହେଲେ ପରୀକ୍ଷାରେ କୌଣସି ଅସଙ୍ଗତି ବା କେହି ପରୀକ୍ଷାର୍ଥୀ ହଇରାଣ ହୋଇ ନଥିବା କହିଛନ୍ତି।

**ଆଜି ବିଶ୍ୱ ଧ୍ୟାନ ଦିବସ**

# ଧ୍ୟାନ ପୂର୍ବରୁ ପ୍ରାଣାୟମ ଜରୁରୀ

**ଭୁବନେଶ୍ୱର, ୨୦।୧୨(ସମିସ):** ଜଣେ ଲୋକର ମନ ସୁସ୍ଥ ଥିଲେ ସେ ସବୁ କିଛି କରିପାରିବ। ଏଥିପାଇଁ ନିତ୍ୟ ଯୋଗ, ଧ୍ୟାନ ଇତ୍ୟାଦି କରିବାକୁ ପଡିଥାଏ। ହେଲେ ଏବେ କିଛି ଲୋକ ବ୍ୟସ୍ତ ବହୁଳ ଜୀବନରେ ଧ୍ୟାନ କରିବାକୁ ଭୁଲି ଯାଉଛନ୍ତି। କେବଳ ଫୁର୍ତ୍ତି ରହିବା ପାଇଁ ସକାଳୁ ଟିକେ ପ୍ରାତଃଭ୍ରମଣ କରୁଛନ୍ତି, ତଥାପି ଚିନ୍ତା ଦୂର ହେଉନାହିଁ।

ଏବେ ସବୁ ଯୋଗ କେନ୍ଦ୍ରରେ ପ୍ରାଣାୟାମ ଅବା ମେଡିଟେସନ ଯୁବଗୋଷ୍ଠୀଙ୍କ ସମେତ ସବୁ ବର୍ଗର ଲୋକଙ୍କ ମଧ୍ୟରେ ବେଶ୍ ଆଦୃତ ହେବାରେ ଲାଗିଛି। ବିଶେଷକରି କୋଭିଡ୍ ପରେ ଏଥିପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଏଥିପାଇଁ ରାଜଧାନୀର ଛକଗୁଡିକରେ ଥିବା ଯୋଗ କେନ୍ଦ୍ର ଓ ପାର୍କରେ ଅନେକ ଲୋକ ଧ୍ୟାନ କରୁଥିବାର ଦେଖାଯାଇଛି। ହେଲେ ଏହି ଏହି ଧ୍ୟାନ କରିବା ପୂର୍ବରୁ ଆଗ ପ୍ରାଣାୟମ କରିବା ଦରକାର। ଧ୍ୟାନ କଲେ ବହୁ ସୁଫଳ ମିଳିଥାଏ ବୋଲି ଶ୍ରେୟାସ ଯୋଗ ଥେରାପି ସେଣ୍ଟରର ଶିକ୍ଷକ ସୁରେଶ ତ୍ରିପାଠୀ କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି ଧ୍ୟାନ କରିବା ପୂର୍ବରୁ ପ୍ରାଣାୟମ କରିବା ଦ୍ୱାରା ସଙ୍ଗେ ସଙ୍ଗେ ଧ୍ୟାନରେ ବସିଲେ ବିଭିନ୍ନ ପ୍ରକାରର ଅନ୍ୟ ଭାବନା ସବୁ ମୁଣ୍ଡକୁ ଆସିବ ଯାହାଦ୍ୱାରା ଠିକ୍ ଭାବରେ ଧ୍ୟାନ ହୋଇପାରିବ ନାହିଁ। କିଛିଦିନ ଏମିତି ସବୁ ଚିନ୍ତା ଆସିବା ପରେ ଧୀରେ ଧୀରେ ଧ୍ୟାନରେ ମନ କେନ୍ଦ୍ରୀଭୂତ ହୋଇପାରିବ।

ପ୍ରଥମେ ୧୦ ରୁ ୨୦ ମିନିଟ୍ ଧ୍ୟାନ କରିବା କଥା। ଯଦି ଆଣ୍ଠୁ ରୋଗ, କିମ୍ବା



ଅଣ୍ଟା ରୋଗ ଥିବ ତେବେ ବେଶି ସମୟ ବସି ଧ୍ୟାନ କରିବାରେ ସମସ୍ୟା ଦେଖାଦିଏ। ଧ୍ୟାନ କରିବା ପୂର୍ବରୁ ଶାରିରୀକ ଭାବେ ପ୍ରଥମେ ସୁସ୍ଥ ରହିବା ଦରକାର। ଏଥିସହ ସୂର୍ଯ୍ୟ ନମସ୍କାର, ଯୋଗା ଆସନ କଲେ ଶରୀରର ସ୍ନାୟୁ ସବୁ ଖୋଲିବା ପରେ ଶରୀରରେ ନିଶ୍ୱାସ ପ୍ରଶ୍ୱାସ ଉପରେ ନିୟନ୍ତ୍ରଣ ଆସିଥାଏ। ପରେ ପୁଣି ପ୍ରାଣାୟମ, ଅନୁଲୋମ ବିଲମ, ନାଡିସୋଧନ, କପାଳଭାତି, ଭ୍ରାମାରୀ ପ୍ରାଣାୟମ ଆଦି କରିବା ଉଚିତ୍।

**ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ୍**

# ଫାଇନାଲରେ ପପୁଲାର କ୍ଲବ୍

**ଯାଁଳା,୨୦।୧୨(ସମିସ):** ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୬ ତମ ଶବର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ରାଉଣ୍ଡର ସେମିଫାଇନାଲ ଖେଳ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ସହିତ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳର ଖେଳାଳିମାନେ ସଂଘର୍ଷ ପୂର୍ଣ୍ଣ ଖେଳ ଖେଳିଥିଲେ। ଖେଳର ୫ ମିନିଟରେ କଳିଙ୍ଗ ସ୍ପୋର୍ଟିଂ ପକ୍ଷରୁ ବିକାଶ ନାୟକ ଗୋଟିଏ ଗୋଲ ସ୍କୋର କରି ନିଜ ଦଳକୁ ଅଗ୍ରଣୀ ରଖିଥିଲେ। ଘମାଘୋଟ ଲଢେଇ ଜାରି ରଖି ପପୁଲାର କ୍ଲବ୍‌ର ଖେଳାଳି ରିକି ସ୍ୱାଇଁ ଏବଂ ଦିତିୟାର୍ଦ୍ଧର ୧୫ ରାମ ସ୍ୱାଇଁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ନିଜ ଦଳକୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଅଗ୍ରଣୀ ରଖି ୨-୧ ଗୋଲ ସ୍କୋରରେ ବିଜୟ ହୋଇ ଫାଇନାଲରେ ପ୍ରବେଶ କଲେ। ବିଦେଶୀ ନାୟକ, ରମେଶ ଚନ୍ଦ୍ର ପାଇକରାୟ, ଗିରିଶ ଚନ୍ଦ୍ର ଜାନି ଓ ଆନନ୍ଦ ନାୟକ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ବିଜୟ କୁମାର ନାୟକ ଯୋଗ ଦେଇଥିଲେ।

# ୨୧ କାରିଗରଙ୍କୁ ସହାୟତା

**ବାଲିଅନ୍ତା,୨୦।୧୨(ସମିସ):** ବାଲିଅନ୍ତା ବ୍ଲକ୍ ଅଧୀନ ବାଲକାଟି ରଥିଜେମାସ୍ଥିତ କଂସାରି ପରିବାର ବିକାଶ ଉନ୍ନୟନ ପରିଷଦ କାର୍ଯ୍ୟାଳୟ ସଭା ଗୃହରେ କର୍ମଶାଳା ଗୃହ ପ୍ରଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ହସ୍ତତନ୍ତ, ବୟନ ଏବଂ ହସ୍ତ ଶିଳ୍ପ ବିଭାଗ ପକ୍ଷରୁ ୨୧ କାରିଗରଙ୍କୁ କର୍ମଶାଳା ଗୃହ ବଣ୍ଟନ(ଶାଳଘର) କରାଯାଇଛି। ବାଲକାଟି ରଥିଜେମା ଅଞ୍ଚଳର ୮ ଜଣ କଂସା ପିତ୍ତଳ କାରିଗର, ବଇଁଚୁଆ ଅଞ୍ଚଳର ୪ ଜଣ କଂସା ପିତ୍ତଳ କାରିଗର, କାକରୁଦ୍ରପୁର ଏବଂ ଖମଙ୍ଗ ଅଞ୍ଚଳର ମୋଟ୍ ୯ ଜଣ ଶିଳ୍ପୀଙ୍କୁ ତାଳପତ୍ର ଏବଂ ପଟ୍ଟଚିତ୍ର ଖୋଦେଇ କାମ ନେଇ କର୍ମଶାଳା ଗୃହ ନିର୍ମାଣ କାର୍ଯ୍ୟାଦେଶ ସହିତ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଗୃହ ନିର୍ମାଣ ନେଇ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କା କାରିଗରଙ୍କୁ ମିଳିବ। କଂସାରି ପରିବାର ସଭାପତି ବୈଷ୍ଣବ ମହାରଣା ଅଧ୍ୟକ୍ଷତା କରିଥିଲେ। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ଉପନିର୍ଦ୍ଦେଶକ ପ୍ରବିଣା ନାୟକ, ହସ୍ତଶିଳ୍ପ ବିକାଶ ଅଧିକାରୀ ବରଫ ସେନାପତି, ସମ୍ବିତ ମିଶ୍ର ଏବଂ ସମବାୟ ସମିତି ନିରୀକ୍ଷକ ଦୀପିକା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ।

# ଜିନ୍ଦଲ ଷ୍ଟେନଲେସକୁ ସମ୍ମାନଜନକ 'ସ୍ୱର୍ଡ ଅଫ୍ ଅନର'



**ଭୁବନେଶ୍ୱର, ୨୦।୧୨(ସମିସ):** ଜିନ୍ଦଲ ଷ୍ଟେନଲେସର ହିସାର ୟୁନିଟକୁ ବ୍ରିଟିଶ ସେଫ୍ଟି କାଉନସିଲ୍ ପକ୍ଷରୁ ସମ୍ମାନଜନକ ସ୍ୱର୍ଡ ଅଫ୍ ଅନରରେ ପୁରସ୍କୃତ କରାଯାଇଛି। ଏହି ବିଶ୍ୱସ୍ତରୀୟ ପୁରସ୍କାର ବୃତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ କମ୍ପାନୀର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ବୃତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପରିଚାଳନାରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ସଂସ୍ଥାଗୁଡ଼ିକୁ ସ୍ୱର୍ଡ ଅଫ୍ ଅନର ପ୍ରଦାନ କରାଯାଏ। ୨୦୨୪ରେ ଏହି ମାନ୍ୟତା ପାଇବାରେ ବିଶ୍ୱର ମାତ୍ର ୭୧ଟି ଅନୁଷ୍ଠାନ ମଧ୍ୟରୁ ଜିନ୍ଦଲ ଷ୍ଟେନଲେସ୍ ଅନ୍ୟତମ। ଏହା କମ୍ପାନୀର ସୁଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ପରିଚାଳନାଗତ ଉତ୍କର୍ଷତାକୁ ସୂଚାଉଛି। ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଏହି ସଫଳତା ସମ୍ପର୍କରେ ମନ୍ତବ୍ୟ ଦେଇ କହିଛନ୍ତି, ଏହି ପୁରସ୍କାର ଜିନ୍ଦଲ ଷ୍ଟେନଲେସରେ ସୁରକ୍ଷା ଏବଂ ପରିଚାଳନାଗତ ଉତ୍କର୍ଷତା ଉପରେ ଆମର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି। ଆମେ ଆମର କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ।

# ତିବ୍ବତ ୟୁଥ୍ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ବାଇକ୍ ଯାତ୍ରା



**ଭୁବନେଶ୍ୱର,୨୦।୧୨(ସମିସ):** ଭାରତର ଉତ୍ତର ସୀମା ସଂଲଗ୍ନ ବୌଦ୍ଧ ଧର୍ମାବଲମ୍ବୀ ଦେଶ, ତିବ୍ବତ ଏକ ସ୍ୱାଧୀନ ରାଷ୍ଟ୍ର। କିନ୍ତୁ ଏହାକୁ ଚୀନ୍ ଅବୈଧ ଭାବରେ ଗତ ୧୯୫୯ ମସିହାରୁ ଦଖଲରେ ରଖିଛି। ଏଥିପାଇଁ ତିବ୍ବତୀୟ ଲୋକଙ୍କୁ ଜୋର ଜବରଦସ୍ତ ନିଜ ସ୍ଥାନରୁ ନେଇ ଅନ୍ୟ ରାଜ୍ୟମାନଙ୍କରେ ରଖାଯାଉଛି। କମ୍ୟୁନିଷ୍ଟ ଚୀନର ବିସ୍ତାରବାଦୀ ଚରିତ୍ରକୁ ବିରୋଧ କରିବାକୁ ତିବ୍ବତ ୟୁଥ କଂଗ୍ରେସ ପକ୍ଷରୁ ଆଜି ଲୋହିଆ ଏକାଡେମୀ ଠାରେ ଆୟୋଜିତ ଏକ ସଭାରେ ଆହ୍ୱାନ ଦିଆଯାଇଛି। ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟଙ୍କ ନେତୃତ୍ୱରେ ଅରୁଣାଚଳ ପ୍ରଦେଶର ତିଂତ ସୀମା ବୁମଲାରୁ ବାହାରିଥିବା ଏହି ଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଯାତ୍ରୀ ଦଳରେ ତିବ୍ବତ ୟୁଥ କଂଗ୍ରେସର ସଭାପତି ଗୋମ୍ପୋ ଧୁଣ୍ଡୁପଙ୍କ ନେତୃତ୍ୱରେ ସେରିଂ ଚୋମ୍ଫେଲ, ତେଞ୍ଜିନ ଲୋବସାଙ୍ଗ, ସେରୀଙ୍ଗ ଦୋର୍ଜି, ରିଗଜେନ ଲାହ୍ୱାଙ୍ଗ ପ୍ରମୁଖ ଭାରତର ୨୦ଟି ରାଜ୍ୟର ୧୫ ହଜାର କିଲୋମିଟର ଯାତ୍ରା କରି ଜନ ସଚେତନତା ଯୋଜନା ରଖିଛନ୍ତି। ଏହି ଅବସରରେ ଭାରତ ତିବ୍ବତ ମୈତ୍ରୀ ସଂଘର ଓଡିଶା ଚାପ୍ଟର ପକ୍ଷରୁ କୃଷ୍ଣା ମହାନ୍ତି, ଶାରଦା ଚରଣ ମହାନ୍ତି, ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ ତିବ୍ବତର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ଜଣାଇବା ସହ ଚୀନର ବିସ୍ତାରବାଦୀ ନୀତିର ଦୃଢ଼ ନିନ୍ଦା କରିଛନ୍ତି।

# ଓରେରା ପକ୍ଷରୁ ଆରମ୍ଭ ହେଲା ନୂତନ ୱେବସାଇଟ୍



**ଭୁବନେଶ୍ୱର,୨୦।୧୨(ସମିସ):** ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି (ଓରେରା) ପକ୍ଷରୁ ଶୁକ୍ରବାର ଏକ ନୂତନ ୱେବସାଇଟ୍ ଓରେରା ସଂସ୍କରଣ ୨.୦ ଆରମ୍ଭ ହୋଇଛି। ଆୟୋଜିତ ଏହି ସମାରୋହରେ ଓରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ଏହି ନୂତନ ୱେବସାଇଟ୍‌କୁ ଓରେରା (ସଦସ୍ୟ) ପ୍ରଦୀପ କୁମାର ବିଶ୍ୱାଳ, ଗୋପାଳ ଚନ୍ଦ୍ର ପଟ୍ଟନାୟକ ଏବଂ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି। ଏନେଇ ଶ୍ରୀ ଦାସ କହିଥିଲେ, ବ୍ୟବସ୍ଥାରେ ସ୍ୱଚ୍ଛତା, ଦକ୍ଷତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ରେରା ପାଇଁ ଏହା ଏକ ଐତିହାସିକ ଦିନ। ଓରେରା ସଚିବ ଶ୍ରାବଣୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ଥ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦୀପକ କୁମାର ବେଶରା ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱରସ୍ଥିତ ଆଇଟି କମ୍ପାନୀ ସିଏସଏମ ଟେକ୍ନୋଲୋଜି ଦ୍ୱାରା ବିକଶିତ ଏହି ଆପ୍ଲିକେସନ୍‌ରେ ଉଚ୍ଚମାନର ପ୍ରଯୁକ୍ତିବିଦ୍ୟା ସହିତ ଡ୍ୟାଶବୋର୍ଡ଼, ଚାଟବଟ୍ ଆଦି ରହିଛି। ଏହାଦ୍ୱାରା ପ୍ରମୋଟର, ଘର କ୍ରେତା, ରିଅଲ ଇଷ୍ଟେଟ୍ ଏଜେଣ୍ଟ ଏବଂ ଓକିଲମାନେ ନିରବଚ୍ଛିନ୍ନ କାରବାର କରିପାରିବା ସହ ଏହି ନୂତନ ବ୍ୟବସ୍ଥାରେ ଉପକୃତ ହେବେ।

# ଏଏମ୍‌ଏନ୍ ଷ୍ଟିଲ ପ୍ଲାଣ୍ଟରେ ବିପିଏନ୍‌ଏସ୍‌ଆଇର କର୍ମଶାଳା




**ଭୁବନେଶ୍ୱର,୨୦।୧୨(ଏଜେନ୍ସି):** ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପାରାଦୀପଠାରେ ଅବସ୍ଥିତ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନା ରେ ହାଜାର୍ଡସ ୱେଷ୍ଟ ମ୍ୟାନେଜମେଣ୍ଟ ସମ୍ବନ୍ଧିତ ଏକ ଦିବସୀୟ କର୍ମଶାଳା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଏମ୍‌ଏନ୍ ପ୍ଲାଣ୍ଟର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି. ଏବଂ ଏସପିସିବି ପାରାଦୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏସପିସିବି ଓଡିଶାର ଉପ ପରିବେଶ ବିଜ୍ଞାନୀ ଲିତା ସୋରେନ୍, ଇଂ ଦିବ୍ୟ ଲୋଚନ ମହାପାତ୍ର ଏବଂ ଇଂ ସୌମ୍ୟକାନ୍ତ ସେଠୀ, ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍‌ର ଡେପୁଟି ଜେନେରାଲ ମ୍ୟାନେଜର ଶୁଭେନ୍ଦୁ କୁମାର ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନାର ଅଧିକାରୀ ଦେବଦତ୍ତ ଦାସ ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ଅଧିକାରୀ ଇଂ ସତ୍ୟପ୍ରିୟ ଶତପଥୀ କର୍ମଶାଳା ସଂଚାଳନ କରିଥିଲେ।

# ଅବ୍ୟବସ୍ଥାରେ ଜୟଦେବ ସଂଗ୍ରହାଳୟ

## ପର୍ଯ୍ୟଟକ ଜାଣିପାରୁନାହାନ୍ତି ପୀଠର ଇତିହାସ





**ଭୁବନେଶ୍ୱର,୨୦।୧୨(ସମିସ):** ଶୀତ ଦିନ ସାଙ୍ଗକୁ ପର୍ଯ୍ୟଟନ ଋତୁ। ଦୂର ଦୂରାନ୍ତରୁ ଧାଇଁ ଆସୁଛନ୍ତି ପର୍ଯ୍ୟଟକ, ଅବସର ସମୟ ବିତାଇବାକୁ, ନିଜେ କିଛି ସମୟ ପ୍ରିୟ ପରିଜନଙ୍କ ସହ ନିତିଦିନିଆ ଜୀବନରୁ ଫୁରସତ୍ କାଢ଼ି କଟେଇବାକୁ। ଏହିକ୍ରମରେ ଚଳଚଞ୍ଚଳ ରାଜଧାନୀର ସବୁ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟ କେନ୍ଦ୍ର। ରାଜଧାନୀରୁ ସ୍ୱଳ୍ପ ଦୂରତାରେ କୁଶଭଦ୍ରା ନଦୀ କୂଳରେ ଅବସ୍ଥିତ କେନ୍ଦୁବିଲ୍ୱ, ଜୟଦେବ ପୀଠ ନାମରେ ପରିଚିତ। ତେବେ ନାନା ଅବ୍ୟବସ୍ଥା ଏବଂ ଅବହେଳା ମଧ୍ୟରେ ଏହି ପୀଠ ନିଜ ଗାରିମା ହରାଉଛି।

୧୯୭୩ ମସିହାରେ ଉଦ୍‌ଘାଟିତ ହୋଇଥିବା ଜୟଦେବ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପରିଚାଳିତ। କେନ୍ଦୁଲୀ ହେଉଛି ବିଶିଷ୍ଟ ସଂସ୍କୃତ କବି, ସଂଗୀତଜ୍ଞ ତଥା ନୃତ୍ୟ ରଚନା ଜୟଦେବଙ୍କ ଜନ୍ମ ପୀଠ। ଓଡିଶୀ ନୃତ୍ୟରେ ଗୀତ ଗୋବିନ୍ଦ ପ୍ରତି ତାଙ୍କ ଅବଦାନ ପାଇଁ ସେ ବେଶ୍ ପରିଚିତ। ଆଖପାଖ ଅଞ୍ଚଳରୁ ମିଳିଥିବା ପୁରାତନ ଚିତ୍ର, ମୂର୍ତ୍ତି ଏବଂ ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ସାମଗ୍ରୀକୁ ନେଇ ଏକ ସଂଗ୍ରହାଳୟ ହେଉଛି ଜୟଦେବ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ। ଅନ୍ୟପଟେ କେନ୍ଦୁବିଲ୍ୱ ଯେ କେବଳ ଓଡିଶାରେ ନୁହଁ ବରଂ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗରେ ମଧ୍ୟ ରହିଛି। ଫଳରେ ସେ ଦୁଇ ରାଜ୍ୟ ମଧ୍ୟ ଜୟଦେବଙ୍କ ପ୍ରକୃତ ଜନ୍ମପୀଠ ତାଙ୍କ ରାଜ୍ୟର ବୋଲି ଦାବି କରି ଆସୁଛନ୍ତି।

କୁହାଯାଏ ଓଡିଶାର ଏହି ପୀଠରେ ଜୟଦେବ "ସିଦ୍ଧି' ହାସଲ କରିଛନ୍ତି ଏବଂ ସେ କେନ୍ଦୁବିଲ୍ୱ ଗାଁଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ନିଆଳିରେ 'ଗୀତ ଗୋବିନ୍ଦ' ରଚନା କରି ମାଧବଙ୍କୁ ପୂଜା କରିଥିଲେ।

ଏହି ସଂଗ୍ରାହଳୟରେ ଆଜି ମଧ୍ୟ ସେହି କୋଠରୀ ଗୁଡିକରେ ଜୟଦେବଙ୍କ ରଚିତ ତାଳପତ୍ରଚିତ୍ରରେ ଗୀତ ଗୋବିନ୍ଦ ଲେଖା ଫଟୋଚିତ୍ର ରହିଛି। ଏହାସହ କୃଷ୍ଣଙ୍କ ବିଭିନ୍ନ ଅବତାରର ପ୍ରାଚୀନ ପ୍ରତିମୂର୍ତ୍ତି, ଶିଳାଲେଖ, ସିଂହ, ବିଷ୍ଣୁ, ଭୈରବ, ତାରା, ମାଟିଘୁମ, ଶିବ ନୃତ୍ୟବସ୍ଥାର ପ୍ରତିମୂର୍ତ୍ତି ମଧ୍ୟ ସ୍ଥାନିତ ହୋଇଛି। କୋଠରୀର ମଝି ସ୍ଥାନରେ ଜୟଦେବଙ୍କ ପ୍ରତିମୂର୍ତ୍ତି ରହିଥିବା ଦେଖିବାକୁ ମିଳେ। ଏହା ବ୍ୟତୀତ ପରିସର ମଧ୍ୟରେ ଥିବା ଏକ ଜଳ ଫୁଆରା ଏବେ ଅଚଳ ଅବସ୍ଥାରେ ପଡିଛି। ପୂର୍ବରୁ ଶୋଭା ପାଉଥିବା ପାର୍କଟି ଏବେ ନିଶ୍ଚିହ୍ନ ହୋଇ ପଡିଛି। ସେହିପରି ପ୍ରତିଦିନ କେତେ ପର୍ଯ୍ୟଟକ ଆସୁଛନ୍ତି କିମ୍ବା ଯାଉଛନ୍ତି ତାର ମଧ୍ୟ କୌଣସି ତଥ୍ୟ ରଖାନଯାଉ ନାହିଁ। ବର୍ତ୍ତମାନ ପର୍ଯ୍ୟଟନ ଋତୁରେ ବିଶେଷକରି ରକ୍ଷଣାବେକ୍ଷଣ ଆବଶ୍ୟକ ହେଉଥିବାବେଳେ ସଂଗ୍ରହାଳୟଟି ଅପରିଷ୍କାର ହୋଇ ପଡିଛି। ଓଡିଶାରେ ଜୟଦେବଙ୍କ ଅବଦାନ ଏବଂ



ଇତିହାସର ପ୍ରଚାର ପ୍ରସାର ନହେବା ଫଳରେ ପର୍ଯ୍ୟଟକ ମଧ୍ୟ ଜୟଦେବଙ୍କ ଅବଦାନ ବିଷୟରେ ଜାଣିପାରୁନାହାନ୍ତି। ଅଧିକାଂଶ ପର୍ଯ୍ୟଟକ ଓଡିଶାର କେନ୍ଦୁଲୀରେ ଜୟଦେବ ପୀଠ ବା ସେହି ସଂଗ୍ରହାଳୟ ବିଷୟରେ ମଧ୍ୟ ଅଜଣା। ଏନେଇ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନଥିବାବେଳେ କେବେ ଏହାର ପ୍ରଚାର ପ୍ରସାର ଦିଗରେ ପଦକ୍ଷେପ ନିଆଯିବ ତାହା ହିଁ ଅପେକ୍ଷା।

